ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक

Vol.26 . No.68 Bhubaneswar Tuesday April 18 2023 | ୨୬ତମ ବର୍ଷ ସଂଖ୍ୟା–୬୮ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୧୮, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ପୁଣି ବର୍ଷିଲେ ଅପରାଜିତା: ନୂଆ ଢଙ୍ଗରେ ଚାଲିଛି ଖଣି ଦୁର୍ନୀତି, ହୋଇଛି ଅନୈତିକ ବୁଝାମଣା



ଭୁବନେଶ୍ୱର,୧୭।୪(ପି.ଏନ):ରାଜ୍ୟ ସରକାର ଓ ଖଣି ଲିଜଧାରୀଙ୍କ ମଧ୍ୟରେ ଅନୈତିକ ବୁଝାମଣା ଯୋଗୁ ବିପୁଳ ପରିମାଣର ରାଜସ୍ୱ କ୍ଷତି ଘଟୁଛି । ଖଣି ଦୁର୍ନୀତିକୁ ନୂଆ ଢଙ୍ଗରେ ଆହୁରି ବ୍ୟାପକ କରିବା ପାଇଁ ଚତୁରତାର ସହ ରାଜ୍ୟ ସରକାର ଉପାୟ କରୁଛନ୍ତି ବୋଲି ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି । ଗତ କିଛିମାସର ବ୍ୟବଧାନରେ ଶ୍ରୀମତୀ ଷଡଙ୍ଗୀ ପୁଣିଥରେ ଏହି ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି । ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ମାଙ୍ଗାନିଜ୍ ଖଣି ପରିଚାଳନାରେ ବ୍ୟାପକ ଅନିୟମିତତା ହେଉଛି । ଲୁହା, ମାଙ୍ଗାନିଜ୍ ?, କ୍ରୋମ ଇତ୍ୟାଦି ଖଣିଜ ସମ୍ବଳ ଓଡିଶାରେ ଗଚ୍ଛିତ ଥିଲେବି ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହେଉଛି । ଦେଶର ମୋଟ ଖଣିଜ ସମ୍ବଳ ମଧ୍ୟରୁ ଓଡିଶାରେ ୯୬.୧୨% କ୍ରୋମ, ୫୧.୧୫% ବକ୍ସାଇଟ, ୩୩.୧୨% ଆଇରନ, ୪୩.୬୪% ମାଙ୍ଗାନିଜ ଗଚ୍ଛିତ ଅଛି । କିନ୍ତୁ ରାଜ୍ୟ ସରକାର ଓ ଖଣିମାଫିଆ ମାନଙ୍କ ଅନୈତିକ ବୁଝାମଣା ଏବଂ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥା ଯୋଗୁଁ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପକ ହେବାରେ ଲାଗିଛି ।

## ବଢୁଛି ସଂକ୍ରମଣ : ଟେଷ୍ଟିଂ ବଢାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୪(ପି.ଏନ): ରାଜ୍ୟରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଏହାକୁ ଦୃଷ୍ଟିରେ ରଖି ଟେଷ୍ଟିଂ ବଢାଇବା ସହ କଂଟାକ୍ଟ ଟ୍ରେସିଂ କରିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ । ଏହାସହ ସଂକ୍ରମଣ ରୋକିବାକୁ ହୋମ୍ ଆଇସୋଲେସନ୍ ରେ ଥିବା କୋଭିଡ୍ ରୋଗୀଙ୍କ ଉପରେ ନଜର ରଖିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ଏହି ସୂଚନା ଦେଇଛି । ସୂଚନାଯୋଗ୍ୟ ଯେ ସୋମବାର ରାଜ୍ୟରେ ୨୬୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ୍ ସକ୍ରିୟ ରୋଗୀ ସଂଖ୍ୟା ୧୬୭୦କୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଦିନକରେ ୧୦୩ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# କଂଗ୍ରେସରେ ତେଜୁଛି କଳି: ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଲେନି ସଚିନ ପାଇଲଟ



ନୂଆଦିଲ୍ଲୀ,୧୭।୪(ପି.ଏନ): ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ତାଙ୍କ ପୂର୍ବତନ ଡେପୁଟି ସଚିନ ପାଇଲଟଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା କ୍ଷମତାଯୁଦ୍ଧ ତୀବ୍ର ହେବାରେ ଲାଗିଛି । ଆଉ କିଛି ମାସ ପରେ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବ । ଏହାପୂର୍ବରୁ କଂଗ୍ରେସର ଦୁଇ ବରିଷ୍ଠ ନେତାଙ୍କ କଳି ଦାଣ୍ଡରେ ପଡି ହାଟରେ ଗଡିଲାଣି । ଆସନ୍ତା ନିର୍ବାଚନ ପାଇଁ ଆଜି କଂଗ୍ରେସର ବରିଷ୍ଠ ନେତାମାନେ ପ୍ରସ୍ତୁତି ବୈଠକ କରିଥିଲେ । ହେଲେ ଏଥିରେ ସଚିନ ପାଇଲଟ ଯୋଗ ନ ଦେବା ଚର୍ଚ୍ଚାର ବିଷୟ ପାଲଟିଛି ।ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଗେହଲଟ, ଦଳର ପ୍ରଭାରୀ ସୁଖଜିନ୍ଦର ସିଂହ ରନ୍ଧାୱା ଓ ରାଜସ୍ଥାନ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ ଗୋବିନ୍ଦ ସିଂହ ଦୋତାସ୍ର ବିଧାୟକମାନଙ୍କ ସହ ୱାନ ଟୁ ୱାନ ବୈଠକ କରିଥିଲେ । ସେମାନଙ୍କ ଠାରୁ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରିଥିଲେ ।ପାଇଲଟ ଟୋଙ୍କ ଆସନରୁ ବିଧାୟକ ହୋଇଥିବା ବେଳେ ତାଙ୍କ ସହ ମଧ୍ୟ ଆଜି ବରିଷ୍ଠ ନେତାମାନେ ୱାନ ଟୁ ୱାନ ଆଲୋଚନା କରିଥାଆନ୍ତେ । ହେଲେ ସେ ବରିଷ୍ଠ ନେତାଙ୍କ ବୈଠକରେ ଯୋଗଦେଇ ନଥିଲେ । ସେ ଆଜି ନିଜସ୍ୱ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାଇଲଟଙ୍କ ଏପରି ଆଭିମୁଖ୍ୟ କଂଗ୍ରେସ ଶିବିରରେ କମ୍ପନ ସୃଷ୍ଟି କରିଛି ।

## ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲୀପ କୁମାର ଙ୍କୁ କେରଳ ତ୍ରିଶୂର ରୁ ଗିରଫ

ଭୁବନେଶ୍ୱର, ୧୭।୪(ପି.ଏନ): ଓଡିଶା ପୋଲିସର ଆର୍ଥିକ ଅପରାଧ ଶାଖା ଜାଲ କମ୍ପାନୀ ପ୍ରତିଷ୍ଠାତା ଦିଲୀପ କୁମାର ଙ୍କୁ କେରଳ ତ୍ରିଶୂର ରୁ ଗିରଫ କରିଥିବା ଜଣା ପଡ଼ିଛି । ମିଳିଥିବା ସୂଚନା ଅନୁସାରେ ନିଜ କମ୍ପାନୀ ମାଧ୍ୟମ ରେ ୧୮. ଫୁଟବଲ. କମ ରେ ଲାଗୁଥିବା ଟଙ୍କା ଙ୍କୁ ବିନିଯୋଗ କରୁଥିଲେ । ଦିଲ୍ଲୀପ ୧୯.୪୯ କୋଟି ଟଙ୍କା ନିଜ କମ୍ପାନୀ ମାଧ୍ୟମ ରେ ଲଗାଇଥିଲେ । ତାଙ୍କୁ ୬ ଦିନ ଟ୍ରାଂଜିଟ ରିମାଣ୍ଡ ରେ ଓଡିଶା ଅଣାଯାଉଛି । ଦିଲୀପ ଙ୍କୁ ବ୍ରହ୍ମପୁର ଓ୍ ପି ଆଇ ଡି କୋର୍ଟ ରେ ହାଜର କରାଯିବ ବୋଲି ଜଣା ପଡିଛି ।

# କମିବନି ତାତି : ୪ ଦିନ ପର୍ଯ୍ୟନ୍ତ ଅସହ୍ୟ ତାତି, ଗୁଳୁଗୁଳି ସମ୍ଭାବନା

ଭୁବନେଶ୍ୱର,୧୭।୪(ପି.ଏନ): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ସେତେଟା ପଡିବନି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରଭାବ ଜାରି ରହିବ । ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ଉପର ରହିବ । ଏହାସହ ଗୁଳୁଗୁଳି ମଧ୍ୟ ଜାରି ରହିବ ବୋଲି ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଆଜି ଓ ଆସନ୍ତାକାଲି କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍ ) ସ୍ଥିତି ଦେଖାଦେଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କେନ୍ଦୁଝର, ମୟୂରଭଂଜ, ମାଲକାନଗିରି, କୋରାପୁଟ. ରାୟଗଡା ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ କାଳବୈଶାଖୀ ଜନିତ ବର୍ଷା ହୋଇପାରେ । ସେହିପରି ଗଂଜାମ , ପୁରୀ, ଜଗତସିଂହପୁର ଓ ସମ୍ବଲପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର , ବାଲେଶ୍ୱର , ଭଦ୍ରକ, ମୟୂରଭଂଜ, କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବିଜୁଳି ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ଗଂଜାମ, ପୁରୀ , ଜଗତସିଂହପୁର ଓ ସମ୍ବଲପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

# ଝାରସୁଗୁଡା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ଟଙ୍କଧର ତ୍ରିପାଠୀ

ଝାରସୁଗୁଡା/ଭୁବନେଶ୍ୱର, ୧୭।୪(ପି.ଏନ): ମେ ୧୦ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଝାରସୁଗୁଡା ଉପନିର୍ବାଚନ ପାଇଁ ଆଜି ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ମନମୋହନ ଏମଇ ସ୍କୁଲ ଗ୍ରାଉଣ୍ଡରୁ ବାହାରି ଉପନିର୍ବାଚନ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ଶୋଭାଯାତ୍ରାରେ ପ୍ରାୟ ୧୦ହଜାରରୁ ଅଧିକ ଜନତା ସାମିଲ ଥିଲେ । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ସାଧାରଣ ଲୋକେ ଆଜି ନ୍ୟାୟ ପାଇବା ପାଇଁ ତ୍ରାହି ତ୍ରାହି ଡାକୁଥିବାବେଳେ ରାଜ୍ୟ ସରକାରଙ୍କ ବିଫଳତା ସ୍ପଷ୍ଟ ବାରି ହୋଇପଡୁଛି । ସାଧାରଣ ଲୋକ ନ୍ୟାୟ ପାଇଁ ଲଢୁଛନ୍ତି ଓ ଲଢ଼ିବେ ଏବଂ ନ୍ୟାୟର ବିଜୟ ହେବ । ଜଣେ ଉଚ୍ଚଶିକ୍ଷିତ, ଯୋଗ୍ୟ, ଦକ୍ଷ ଓ ଯୁବକ ଟଙ୍କଧର ତ୍ରିପାଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଝାରସୁଗୁଡା ନିର୍ବାଚନମଣ୍ଡଳୀର ସଚେତନ ଭୋଟର ଭାଇ ଓ ଭଉଣୀମାନେ ଏଭଳି ପ୍ରତିକୁଳ ପରିସ୍ଥିତିରେ ମଧ ତାଙ୍କ ବିଜୟକୁ ସୁନିଶ୍ଚିତ କରାଇବେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।ଦୀର୍ଘ ୨୪ବର୍ଷ ଧରି ନିରନ୍ତର ଶାସନ କ୍ଷମତାରେ ରହି ମଧ ନିର୍ବାଚନ ମଣ୍ଡଳୀର ସଠିକ୍ ବିକାଶ ହୋଇପାରିଲା ନାହିଁ । ଏ ଲଢ଼େଇ ଝାରସୁଗୁଡା ବାସୀଙ୍କର, ମୁଁ ନିମିତ୍ତ ମାତ୍ର ବୋଲି ପ୍ରାର୍ଥୀପତ୍ର ଦାଖଲ କରିବା ପରେ ଟଙ୍କଧର ତ୍ରିପାଠୀ କହିଛନ୍ତି ।ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ସାଂସଦ ସୁରେଶ ପୂଜାରୀ, ଜୁଏଲ ଓରାମ, ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେଭି ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ବିଧାୟକ ସୁବାଷ ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ, ନିତ୍ୟାନନ୍ଦ ଗଣ୍ଡ, ଡ. ବୁଧାନ ମୁର୍ମୁ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ସମେତ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲଇକେରା, କିର୍ମିରା, କୋଲାବିରା, ଝାରସୁଗୁଡା ବ୍ଲକ ଓ ମ୍ୟୁନିସପାଲଟିରୁ ୧୦ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ସ୍ୱତଃପ୍ରଭୂତଭାବେ ସାମିଲ ହୋଇଥିଲେ ।

# ବଲାଙ୍ଗିର ଉପାନ୍ତ ଅଂଚଳରେ ରୋଗୀଙ୍କ ଭରସା ନକଲି ଡାକ୍ତର

ବଲାଙ୍ଗିର, ୧୭।୪(ପି.ଏନ): ଶିକ୍ଷା ବିଭାଗରେ ମାଳ ମାଳ ନକଲି ସାର୍ଟିଫିକେଟ ଧାରି ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ଶିକ୍ଷକ ସାଜି ଚାକିରି କରୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ବାରମ୍ବାର ଚିଠି ମାଧ୍ୟମରେ ନକଲି ସାର୍ଟିଫିକେଟର ତଦନ୍ତ କରିବାକୁ ଜଣାଇଥିଲେ ମଧ ଜିଲ୍ଲା ଶିକ୍ଷା ବିଭାଗ ସଜାଗ ରହି ନ ଥିବା ବେଳେ ଜିଲାରେ ନକଲି ଡାକ୍ତରଙ୍କ ପ୍ରଭାବ ଦେଖାଦେଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଳ ମାଳ ନକଲି ଡାକ୍ତର ଜିଲ୍ଲାର ସବୁ ସ୍ଥାନରେ ତାଙ୍କର ବ୍ୟବସାୟ ବଳବତର ରଖିଛନ୍ତି । ସହର ଠୁଁ ଆରମ୍ଭ କରି ଗ୍ରାମାଚଂଳ ପର୍ଯ୍ୟନ୍ତ ବ୍ୟାପିଛନ୍ତି ନକଲି ଡାକ୍ତର । ପାଠ ନାହିଁ କି ଶାଠ ନାହିଁ ହେଲେ ନିଜକୁ ଡାକ୍ତର ପରିଚୟ ଦେଇ ବେଶ ମାଲେ ମାଲ୍ ହେଉଥିବା ବେଳେ ରୋଗୀ କାଙ୍ଗାଳ । କିଛି ଔଷଧ ଦୋକାନୀ ନିଜର ବ୍ୟବସାୟ ପାଇଁ ଏହି ଠକ ଡାକ୍ତର ମାନଙ୍କୁ ରଖିଥିବା ଏବଂ ଗ୍ରାମାଚଂଳର ରୋଗୀ ମାନଙ୍କୁ ତତକ୍ଷଣାତ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ରୋଜଗାର କରୁଥିବା ଚର୍ଚ୍ଚା ହେଉଛି । ଏହି ନକଲି ଡାକ୍ତର ମାନେ ସାଧାରଣତଃ ୱେଷ୍ଟ ବେଙ୍ଗଲ ରାଜ୍ୟର ବୋଲି ଜାଣିବାକୁ ମିଳିଛି ।ଏମାନଙ୍କ ପାଖରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନ ଥିବା ବେଳେ କୌଣସି ଡାକ୍ତରି ପାସ ପ୍ରମାଣ ପତ୍ର ଏବଂ କ୍ଲିନିକ୍ ଲାଇସେନ୍ସ ମଧ୍ୟ ନାହିଁ । ଏମାନେ ଡାକ୍ତର ସାଜି ବେଧଡକ ରୋଗୀଙ୍କୁ ଲୁଟୁଥିବା ଦେଖିବାକୁ ମିଳୁଛି । ପାଠ ଜିରୋ ହେଲେ ଡାକ୍ତର । ବର୍ଷ ବର୍ଷ ଧରି ଡାକ୍ତର ପରିଚୟ ଦେଇ କ୍ଲିନିକ୍ ଖୋଲି ରୋଗୀଙ୍କୁ ଠକି ନିଜର ପତିଆରା ବିସ୍ତାର କରିଛନ୍ତି । ପାଥୋ ଲାଇସେନ୍ସ ନାହିଁ ହେଲେ ରକ୍ତ ପରୀକ୍ଷା କରି ନିରୀହ ଲୋକଙ୍କୁ ଚୁନା ଲଗାଉଛନ୍ତି । ଜିଲ୍ଲାର ମୁରିବାହାଲ, ସଇଁତଳା, ଲୋଇସିଂହା, ଗୁଡିଘାଟ, ମାର୍ଲାଡ୍, ସିନ୍ଧେକେଲା, କୁରସୁଡ଼, ଟିଟିଲାଗଡ଼, ଉଦେପୁର, ବୈରାସର୍ ଇତ୍ୟାଦି ଆହୁରି ଅନେକ ସ୍ଥାନରେ କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀଙ୍କ ଠାରୁ ସ୍ୱାସ୍ଥ୍ୟ ସେବା ନାମରେ ହଜାର ହଜାର ଟଙ୍କା ଲୁଟୁ ଥିବା ଚର୍ଚ୍ଚା ହେଉଛି ।କୁରସୁଡ଼ରେ ଥିବା ଜଣେ ବଙ୍ଗାଳୀ ଡାକ୍ତର କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରକ୍ତ ପରୀକ୍ଷା ସହ ଔଷଧ ଦେଉଥିବା ଚର୍ଚ୍ଚା ଜୋର୍ ଧରିଛି । ସେହିଭଳି ଟିଟିଲାଗଡ଼ ନିକଟସ୍ଥ ଉଦେପୁର୍ ଗ୍ରାମରେ ତାପସ କୁମାର ବିଶ୍ୱାସ, ୱେଷ୍ଟ ବେଙ୍ଗଲ ନଦୀଆ ଜିଲ୍ଲା, ରାମେଶ୍ୱର ପୁର୍ ର ବାସିନ୍ଦା ନିଜକୁ ଡାକ୍ତରର ପରିଚୟ ଦେଇ ଏହି ଗ୍ରାମରେ ୧୦/୧୨ ବର୍ଷ ହେବ ରହି ରୋଗୀଙ୍କୁ ସାଲାଇନ୍, ଇଞ୍ଜେକସନ ସହ ମେଲେରିଆ ଏବଂ ଉଚ୍ଚ ରକ୍ତଚାପର ଔଷଧ ମଧ୍ୟ ଦେଉଥିବା ଚର୍ଚ୍ଚା ହେଉଛି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ମାନେ ଏଭଳି ସଙ୍ଗୀନ ବିଷୟ ଉପରେ ଧ୍ୟାନ ଦେଲେ ଅନେକ ନିରକ୍ଷର, ନିରୀହ ରୋଗୀ ତଥା ଜନତା ଏପରି ଲୁଣ୍ଠନକାରିଙ୍କ କବଳରୁ ମୁକ୍ତ ହେବେ । ଜନ ସାଧାରଣ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସରକାର ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୁଷ ଡାକ୍ତର ମାନଙ୍କୁ ନିଯୁକ୍ତି ଦେଇଥିବା ବେଳେ ଲୋକେ କାହିଁକି ଅସଲି ଡାକ୍ତର ପାଖକୁ ନ ଯାଇ ନକଲି ଡାକ୍ତର ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ତାହା ଏକ ପ୍ରଶ୍ନବାଚୀ ।

# ଡହ ଖରାରେ ଶିଝୁଛି ଓଡିଶା: କେମିତି ସ୍କୁଲ ଯିବେ ପିଲା, ସରକାର ବେଫିକର, ଚିନ୍ତାରେ ଅଭିଭାବକ



ଭୁବନେଶ୍ୱର,୧୭।୪(ପି.ଏନ): ରାଜ୍ୟର ୨୪ଟି ସହରରେ ଆଜି ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିବାବେଳେ ସବୁଠୁ ଉତ୍ତପ୍ତ ସହର ଭାବେ ବାରିପଦାରେ ୪୪.୨ ଡିଗ୍ରୀ ରହିଛି । ରାଜ୍ୟତମାମ ତତଲା ହାଓ୍ୱା, ଗୁଳିଗୁଳି ସହ ଗମଗମ୍ ଝାଳ ବୋହୁଥିଲେ ମଧ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲଗୁଡିକରେ କିଭଳି ପାଠପଢ଼ା ସମ୍ଭବପର ହେବ ତାକୁ ନେଇ ପ୍ରଶ୍ନ ଉଠିଛି । ସ୍କୁଲ ଖୋଲିବାକୁ ନେଇ ରାଜ୍ୟ ସରକାର ବେଫିକର ହୋଇ ପଡିଛନ୍ତି । ସକାଳ ୭ଟାରୁ ଖରା ଟାଣ ବଢ଼ୁଥିବାରୁ ଅଭିଭାବକମାନେ ଚିନ୍ତାରେ ଥିବାବେଳେ ପିଲାମାନଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି ।ଆଜି ରାଜ୍ୟର ୧୨ଟି ସହରରେ ତାପମାତ୍ରା ୪୨ଡିଗ୍ରୀ ସେଲସିୟସରୁ ଅଧିକ ଥିବାବେଳେ ୨୪ଟି ସହରରେ ୪୦ଡିଗ୍ରୀରୁ ଅଧିକ ରହିଛି । ପ୍ରବଳ ଖରାରେ ସମଗ୍ର ପଶ୍ଚିମଓଡିଶା ଜଳୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଆଜି ତାପମାତ୍ରା ୩୯.୯ ଡିଗ୍ରୀ ରେକର୍ଡ ହୋଇଛି । କିନ୍ତୁ ରାଜ୍ୟତମାମ ଅସହ୍ୟ ଗୁଳିଗୁଳି, ତତଲା ହାଓ୍ୱା ଓ ଝାଳ ବୋହୁଥିବାରୁ କୋମଳମତି ପିଲାମାନେ କିଭଳି ସ୍କୁଲରେ ପାଠ ପ?ିବେ ତାକୁ ନେଇ ଚିନ୍ତା ବଢ଼ିଛି ।

# କିଟ୍ ଫ୍ୟାସନ ସ୍କୁଲ୍ ଛାତ୍ରୀ ଜିତିଲେ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ୍



ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ୍ ହାସଲ କରିଥିଲେ ।

ଭୁବନେଶ୍ୱର,୧୭।୪(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟ ଫ୍ୟାସନ ସ୍କୁଲ୍ ଛାତ୍ରୀ ତ୍ରିଷ୍ଣା ରାୟ ଚଳିତବର୍ଷର ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ ହାସଲ କରିଛନ୍ତି । ଅପ୍ରେଲ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟପୁରଠାରେ ଚାଲିଥିବା ନ୍ୟାସ୍‌ନାଲ୍ ପିଜିଏଣ୍ଟ ଅଫ୍ ମିସ୍ ଟିନ୍ ଦିବା ୨୦୨୨ ପ୍ରତିଯୋଗିତାରେ ତିଷ୍ଣା ଅଂଶ ଗ୍ରହଣ କରି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି । ବିଉଟି ଉଇଥ ବ୍ରେନ୍‌ସ, ର୍‌ୟାମ୍ପ ୱାକ, ସ୍ୱିଚ୍ ରାଉଣ୍ଡ ଓ 'ମିସ୍ ଟିନ୍ ଇଣ୍ଡିଆ ଇଷ୍ଟ' ଆଦି ଜଟିଳ ପର୍ଯ୍ୟାୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶେଷରେ ସେ ମିସ୍ ଟିନ୍ ୟୁନିଭର୍ସ ଇଣ୍ଡିଆ ୨୦୨୩ ଟାଇଟଲ୍ ହାସଲ କରିଥିଲେ । ଏହାପରେ ସେ ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧିତ୍ୱ କରିବେ । ଗ୍ଲାମ୍ ଆନନ୍ଦ ପ୍ରାଇଭେଟ୍ ଲିମିଟେଡ୍ ଓ ଭାରତ ୨୪ ଚ୍ୟାନେଲ୍ ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ତ୍ରିଷ୍ଣାଙ୍କ ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । କିଟ୍ ଫ୍ୟାସନ୍ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷାଦାନ ସହ ବିଭିନ୍ନ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ଦିଆଯାଉଥିବାରୁ ଏଭଳି ସଫଳତା ମିଳିପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି । ଏହା ସହିତ ସେ କିଟ୍ ଫ୍ୟାସନ୍ ସ୍କୁଲ୍‌ର ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବିଜେଡି ବିଲ୍ଡିଂ ପାଇଁ ଚାନ୍ଦା ଦେଇଛି କିଏ ?



ଭୁବନେଶ୍ୱର,୧୭।୪(ପି.ଏନ): ମାତ୍ର ଦୁଇ ବର୍ଷ ଭିତରେ ବିଜୁ ଜନତା ଦଳର ରାଜ୍ୟ ଅଫିସ କୋଠା କାମ ପ୍ରାୟ ଶେଷ ହୋଇଯାଇଛି । ଆଗାମୀ ୨୩ ତାରିଖ ଅକ୍ଷୟ ତୃତୀୟାରେ ଏହି ବିଲଡିଂ ଉଦଘାଟନ ହେବାର ରହିଛି । ପ୍ରାୟ ୧ ଏକର ଜାଗାରେ ୫-ତାରକା ହୋଟେଲ ଭଳି ହୋଇଥିବା ଏହି ୪-ମହଲାର ବିଲଡିଂ ପାଇଁ ଅତି କମରେ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ବିଜେଡି ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ୨୦୨୧-୨୨ ବାର୍ଷିକ ଅଡିଟ ରିପୋର୍ଟରେ ଏହି ଖର୍ଚ୍ଚ ନେଇ ବିଶେଷ କିଛି ଦର୍ଶାଇନାହିଁ । ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ପୀତବାସ ପଣ୍ଡା କହିଛନ୍ତି, '୧ ଏକର ଜମି ଉପରେ ଏଭଳି ଏକ ୪-ମହଲା ଘର ହେବାର ଅର୍ଥ ପ୍ରାୟ ୧.୭୪ ଲକ୍ଷ ବର୍ଗ ଫୁଟ (୧ ଏକର= ୪୩,୫୬୦ ବର୍ଗଫୁଟ) ସ୍ଥାନରେ ନିର୍ମାଣ କାମ ହୋଇଛି । ଉଚ୍ଚ ମାନର ଘର ତିଆରି କଲେ, ବର୍ଗଫୁଟ ପ୍ରତି ୨୫୦୦ରୁ ୨୯୦୦ ଟଙ୍କା ଭିତରେ ଖର୍ଚ୍ଚ ହେବ । ଅର୍ଥାତ୍ ଏଭଳି ଏକ ଅଟ୍ଟାଳିକା ନିର୍ମାଣ ପାଇଁ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ ।' ୨୦୨୧ ରଥଯାତ୍ରା ଦିନ ବିଜୁ ଜନତା ଦଳର ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ ପାଇଁ ଭୁବନେଶ୍ୱର ୟୁନିଟ-୬ରେ ଶୁଭ ଦେଇଥିଲେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୟୁନିଟ-୬ରେ ପୂର୍ବରୁ ଭଡାରେ ଚାଲୁଥିବା ଏହି କାର୍ଯ୍ୟାଳୟ ଜାଗାକୁ ଲାଗି ଦୁଇଟି ଛଅ-ବଖରିଆ ପ୍ଲଟ ଲିଜରେ ନେଇଥିଲା ବିଜେଡି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମିଳିଥିବା ଏହି ପ୍ଲଟର ମୋଟ ଆକାର ଥିଲା ୧.୧୮ ଏକର ଓ ଏଥିପାଇଁ ପାର୍ଟି ୧୨.୩୮ କୋଟି ଦାଖଲ କରିଥିଲା ବୋଲି ବିଧାନସଭାରେ ଉତ୍ତର ଦେଇଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ । ସେହିଭଳି ଭାରତୀୟ ଜନତା ପାର୍ଟି (ବିଜେପି) ମଧ୍ୟ ସମାନ ସମୟରେ ରାମ ମନ୍ଦିର କାର୍ଯ୍ୟାଳୟକୁ ଲାଗି ଦୁଇଟି କ୍ୱାର୍ଟର୍ସ ଅଂଚଳ ନେଇଥିଲା । ମୋଟ ୧.୨ ଏକର ଜମି ପାଇଁ ବିଜେପି ଦେଇଥିଲା ୧୬.୬୦ କୋଟି । ବିଭିନ୍ନ ଦଳ ସରକାରଙ୍କଠାରୁ ଜମି ଲିଜ ନେଇ ବିଲଡିଂ କରିବା ନୂଆ କଥା ନୁହେଁ, ହେଲେ ଏହା ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହେଉଥିବା ଦଳର ଅଡିଟ ରିପୋର୍ଟରେ ପ୍ରତିଫଳିତ ହେବା ଉଚିତ । ମାତ୍ର ବିଜେଡି ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ସର୍ବଶେଷ ବାର୍ଷିକ ବିବରଣୀରେ ଏହା ପ୍ରତିଫଳିତ ହୋଇନାହିଁ ।ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ୩୬ଟି ଆଂଚଳିକ ଦଳର ୨୦୨୧-୨୨ ବାର୍ଷିକ ରିପୋର୍ଟ ଅନୁଯାୟୀ, ବିଜେଡି ମୋଟା ଆକାରରେ ଚାନ୍ଦା ପାଉଥିଲେ ମଧ୍ୟ ଖୁବ୍ କମ୍ ଖର୍ଚ୍ଚ କରୁଛି । ୨୦୨୦-୨୧ ଆର୍ଥିକ ବର୍ଷରେ ବିଜେଡି ୭୩.୩୪ କୋଟି ଟଙ୍କାର ଚାନ୍ଦା ପାଇଥିଲା ବେଳେ ମାତ୍ର ୮ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ଅର୍ଥାତ୍ ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ଗୋଟିଏ ବର୍ଷରେ ୩୦୭.୨୮ କୋଟି ଟଙ୍କା ଚାନ୍ଦା ପାଇଥିବାବେଳେ ମାତ୍ର ୨୮.୬୩ କୋଟି ଟଙ୍କା ଖର୍ଚ୍ଚ କରିଥିଲା । ଏଥିରୁ କେବଳ ନିର୍ବାଚନରେ ପ୍ରାୟ ୮୦ ପ୍ରତିଶତ ଅର୍ଥାତ୍ ୨୩.୦୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବିଜେଡି ଦର୍ଶାଇଛି ।

# ଦୁବାଇର ଏକ ବିଲ୍ଡିଂରେ ଭୀଷଣ ଅଗ୍ନିକାଣ୍ଡ; ୪ ଭାରତୀୟଙ୍କ ସମେତ ୧୬ ମୃତ



ନୂଆଦିଲ୍ଲୀ, ୧୭।୪(ପି.ଏନ): ଦୁବାଇର ଏକ ବିଲ୍ଡିଂରେ ଭୀଷଣ ଅଗ୍ନିକାଣ୍ଡ ଘଟି ୪ ଭାରତୀୟଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ପାକିସ୍ତାନର ୩ ନାଗରିକ ଓ ନାଇଜେରିଆର ଜଣେ ମହିଳା ବି ସାମିଲ ଅଛନ୍ତି । ଏହି ଅଗ୍ନିକାଣ୍ଡରେ ୯ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।ଖାଲିଜ ଟାଇମ୍ସ ରିପୋର୍ଟ ମୁତାବକ, ଏହି ଅଗ୍ନିକାଣ୍ଡ ଗତକାଲି ଦୁବାଇର ଏକ ପାଞ୍ଚ ମହଲା ବିଶିଷ୍ଟ କୋଠାରେ ଘଟିଥିଲା । ନିଆଁ ପ୍ରଥମେ ବିଲ୍ଡିଂର ଚତୁର୍ଥ ମହଲାରେ ଲାଗିଥିଲା । ଏହାପରେ ଆଖି ପିଛୁଳାକେ ନିଆଁ ବିଲ୍ଡିଂ ଅନ୍ୟ ମହଲାକୁ ବ୍ୟାପି ଯାଇଥିଲା । ଫଳରେ ସେଠାରେ କାର୍ଯ୍ୟରତ ଲୋକେ ବାହାରକୁ ବାହାରି ପାରି ନ ଥିଲେ ।ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ପରେ ବେଳେ ଲାଗିଥିବା ବେଳେ ତୁରନ୍ତ ଦୁବାଇ ସିଭିଲ ଡିଫେନ୍ସ କର୍ମଚାରୀ ସେଠାରେ ପହଞ୍ଚିଥିଲେ । ପ୍ରାୟ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ପ୍ରାୟ ଅଢେଇଟା ପରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଜେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବରରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମାମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୂକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

| | |
|---|---|
|  ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
|  ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
|  ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
|  କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
|  ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
|  କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
|  ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
|  ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
|  ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
|  ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
|  କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
|  ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ମା'ଯୋଗୁଲାମ୍ବାଙ୍କ ଶକ୍ତିପୀଠ, ତେଲେଙ୍ଗାନା



ତେଲେଙ୍ଗାନାର ଆଲମପୁର ସହର ମନ୍ଦିର ମାନଙ୍କ ପାଇଁ ସୁପ୍ରସିଦ୍ଧ। ଏଠାରେ ଅବସ୍ଥିତ ଅଧିକାଂଶ ମନ୍ଦିର ଅତି ପୁରାତନ ଓ ନିଜର ସ୍ଥାପତ୍ୟ ପାଇଁ ବିଖ୍ୟାତ। ଏଥିମଧ୍ୟରେ ଅଧିକାଂଶ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ଅଧୀନରେ ରହିଛି। ଆଲମପୁର ସହରରେ ଯେତେ ସବୁ ମନ୍ଦିର ରହିଛି, ସେମାନଙ୍କ ମଧ୍ୟରେ 'ଜୋଗୁଲାମ୍ବା ଶକ୍ତିପୀଠ'(ଜୋଗୁଲାମ୍ବା ଦେବୀ ମନ୍ଦିର) ଓ 'ନବବ୍ରହ୍ମା ମନ୍ଦିର ପ୍ରମୁଖ ସ୍ଥାନରେ ରହିଛନ୍ତି।



ଜୋଗୁଲାମ୍ବା ଦେବୀ ମନ୍ଦିର ମଧ୍ୟ ଭାରତରେ ଜୋଗୁଲାମ୍ବା ଶକ୍ତିପୀଠ ଭାବେ ପ୍ରସିଦ୍ଧ। ମା' ସତୀଙ୍କ ୧୮ଟି ମହା ଶକ୍ତିପୀଠ ମଧ୍ୟରେ ଏହା ପଂଚମ ଶକ୍ତିପୀଠ ଭାବେ ପରିଚିତ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଆଲମପୁରର ଯେଉଁଠି ମା'ସତୀଙ୍କ ଉପର ଦାନ୍ତ ସମୂହ ପଡ଼ିଥିଲା, ସେଠାରେ ଜୋଗୁଲାମ୍ବା ଦେବୀ ମନ୍ଦିର ସ୍ଥାପିତ ହୋଇଛି। ଏହି ମନ୍ଦିରର ପ୍ରମୁଖ ଆରାଧ୍ୟ ହେଲେ, 'ଜୋଗୁଲାମ୍ବା' ଓ 'ବାଲ୍ ବ୍ରହ୍ମେଶ୍ୱର ସ୍ୱାମୀ'। ଏଠାରେ ମାତା ସତୀଙ୍କୁ 'ଜୋଗୁଲାମ୍ବା ଦେବୀ' ବା 'ଯୋଗାମ୍ବା ଦେବୀ' ନାମରେ ଓ ଭଗବାନ୍ ଶିବଙ୍କୁ 'ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ' ନାମରେ ପୂଜା କରାଯାଏ।

'ଜୋଗୁଲାମ୍ବା ଦେବୀ'ଙ୍କୁ 'ଗୃହ ଚଣ୍ଡୀ'(ଘରର ରକ୍ଷାକର୍ତ୍ତା) ଭାବରେ ପୂଜା କରାଯାଏ। ମନ୍ଦିରର ଗର୍ଭ ଗୃହରେ ଦେବୀଙ୍କର ବସିଥିବା ମୂର୍ତ୍ତି ରହିଛି, ଯେଉଁଥିରେ ଦେବୀଙ୍କୁ ତାଙ୍କ ବାଳରେ ଏକ ଝିଟିପିଟି, ବିଛା, ବାଦୁଡ଼ି ଓ ମଣିଷର ଖପୁରି ଥିବା ଦର୍ଶା ଯାଇଛି। ଆମ ଶାସ୍ତ୍ରରେ ଏସବୁ ଅମଙ୍ଗଳର ପ୍ରତୀକ ତଥା ଏହା ମଧ୍ୟ ଗୃହ ପତନର ସଙ୍କେତ ଅଟେ। କୌଣସି ଘରେ ଝିଟିପିଟି ଦେଖାଯିବା ଅର୍ଥ ସେହି ଘରର ସୁଖ ଶାନ୍ତି ନଷ୍ଟ ହେବାର ସୂଚନା ବୋଲି ଧରାଯାଏ। ଧୀରେ ଧୀରେ ଘରେ ଝିଟିପିଟି ସଂଖ୍ୟା ବୃଦ୍ଧି ପାଇବ ଓ ପରିଣାମ ସ୍ୱରୂପ ବିଛା ମାନଙ୍କର ଆଗମନ ହେବ, ଯାହା ଭୟଙ୍କର ଅନର୍ଥର ସୂଚନା। ପୁଣି ଏହା ପରେ ପରେ ଘରେ ବାଦୁଡ଼ି ପ୍ରବେଶ କରିବେ, ଯାହା ସେହି ଘରେ ରହୁଥିବା ଲୋକମାନଙ୍କ ପାଇଁ ମୃତ୍ୟୁର ଫାସ ତିଆରି ହୋଇଯାଏ। ତେବେ 'ଜୋଗୁଲାମ୍ବା ଦେବୀ'ତାଙ୍କୁ ଓ ତାଙ୍କ ଘରର ସମସ୍ତ ଅମଙ୍ଗଳରୁ ରକ୍ଷା କରନ୍ତି ବୋଲି ପ୍ରତ୍ୟେକଙ୍କର ବିଶ୍ୱାସ ରହିଛି। ବାସ୍ତୁ ଦୋଷ(ନିର୍ମାଣ କାର୍ଯ୍ୟରେ ଭୁଲ)ରୁ ମୁକ୍ତ ହେବା ପାଇଁ ମୁଖ୍ୟତଃ'ଜୋଗୁଲାମ୍ବା ଦେବୀ'ଙ୍କୁ ପୂଜା କରାଯାଏ।






ଶାସ୍ତ୍ରରୁ ଜଣାଯାଏ, ଚଣ୍ଡି ମୁଣ୍ଡିଙ୍କର ମୂଳ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ଛାଡ଼ି ଦିଆ ଯାଇଥିଲା ଓ ନୂଆ ମୂର୍ତ୍ତି ତିଆରି କରାଯାଇ ତାଙ୍କୁ ଜୋଗୁଲାମ୍ବା ମନ୍ଦିରରେ ସ୍ଥାପିତ କରା ଯାଇଥିଲା। ମନ୍ଦିରରେ ସପ୍ତ ମାତୃକା, ବିଘ୍ନେଶ୍ୱର ଓ ବୀଣାପାଣୀ ବିରଭଦ୍ରଙ୍କ ପ୍ରତିମା ମଧ୍ୟ ରହିଛି। ଦେଶର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ ତିର୍ଥଯାତ୍ରୀ ମାନେ ଏଠାରେ ପହଂଚି ଦେବୀଙ୍କୁ ଦର୍ଶନ କରନ୍ତି। ଇତିହାସରୁ ଜଣାଯାଏ, ଆଲମପୁରର ଏକ ସମୃଦ୍ଧ ଐତିହାସକ ଓ ଧାର୍ମିକ ମହତ୍ୱ ରହିଛି। ଶତବାହନ, ଇଖ୍ୱାକୁ, ଚାଲୁକ୍ୟ ଏବଂ କାକତିଆ ବଂଶର ରାଜା ମାନେ, ବହମନୀ ସୁଲତାନ ଓ ବିଜୟନଗରର ସମ୍ରାଟ ମାନେ ଏଠାରେ ଶାସନ କରିଥିଲେ। 'ଜୋଗୁଲାମ୍ବା ଦେବୀ'ଙ୍କ ପୁରୁଣା ମନ୍ଦିର ବହମନୀ ସୁଲତାନଙ୍କ ଦ୍ୱାରା ୧୪ଶ ଶତାବ୍ଦୀରେ ନଷ୍ଟ କରି ଦିଆ ଯାଇଥିଲା। ସେଥିରୁ ରକ୍ଷା ପାଇବା ପାଇଁ ହିଁ ମା'ଜୋଗୁଲାମ୍ବା ଓ ତାଙ୍କର ଦୁଇ ଶକ୍ତି, ଚଣ୍ଡୀ ଓ ମୁଣ୍ଡୀଙ୍କ ପ୍ରତିମାକୁ ବାଲ୍ ବ୍ରହ୍ମେଶ୍ୱରା ସ୍ୱାମୀ ମନ୍ଦିରରେ ରଖା ଯାଇଥିଲା। ପରେ ପୁରୁଣା ମନ୍ଦିର ସ୍ଥାନରେ ଏକ ନୂଆ ମନ୍ଦିର ନିର୍ମାଣ କରାଗଲା ଓ ଦେବୀଙ୍କ ମୂର୍ତ୍ତି ମାନଙ୍କୁ ସେଠାରେ ସ୍ଥାପିତ କରାଗଲା। ନବବ୍ରହ୍ମା ମନ୍ଦିର ଓ ସଂଗମେଶ୍ୱରା ମନ୍ଦିରର ନିର୍ମାଣ ୭ଶ ଶତାବ୍ଦୀରେ କରାଯାଇଥିଲା।

**ପୌରାଣିକ ସନ୍ଦର୍ଭ:** ଏହି ସ୍ଥାନ ସଂପର୍କରେ ସ୍ଥଳ ପୁରାଣରେ ଲିଖିତ ଅଛି ଯେ, ଥରେ ଭଗବାନ୍ ବ୍ରହ୍ମା ଏକ ବିଖ୍ୟାତ ସନ୍ଥଙ୍କର ଅଭିଶାପର ଫଳ ସ୍ୱରୂପ ନିଜର ସବୁ ଶକ୍ତି ହରାଇ ବସିଲେ। ବ୍ରହ୍ମା ନିଜର ଶକ୍ତି ଫେରି ପାଇବା ପାଇଁ ଭଗବାନ୍ ଶିବଙ୍କୁ ପ୍ରସନ୍ନ କରିବାକୁ କଠୋର ତପସ୍ୟା କଲେ। କୁହାଯାଏ ଯେ, ଭଗବାନ୍ ଶିବ ନଅ ପ୍ରକାରର ବିଭିନ୍ନ ରୂପରେ ନିଜକୁ ପ୍ରକଟ କଲେ। ଆଲମପୁରରେ ତୁଙ୍ଗଭଦ୍ରା ନଦୀ କୂଳରେ ସ୍ଥାପିତ ନବ ବ୍ରହ୍ମା ମନ୍ଦିରରେ ଶିବଙ୍କର ସେହି ନଅଟି ଭିନ୍ନ ଭିନ୍ନ ରୂପର ମନ୍ଦିର ମାନ ରହିଛି। ସେଗୁଡ଼ିକ ହେଲେ, ବାଲ୍ ବ୍ରହ୍ମା, ଗରୁଡ଼ ବ୍ରହ୍ମା, ସ୍ୱର୍ଗ ବ୍ରହ୍ମା, ପଦ୍ମ ବ୍ରହ୍ମା, କୁମାର ବ୍ରହ୍ମା, ତାରକ ବ୍ରହ୍ମା, ଅର୍କ ବ୍ରହ୍ମା ଓ ବୀର ବ୍ରହ୍ମା ଓ ବିଶ୍ୱ ବ୍ରହ୍ମା। ବାଲ୍ ବ୍ରହ୍ମାଙ୍କ ମୁଖ୍ୟ ମନ୍ଦିରରେ ସ୍ଥାପିତ ଶିବ ଲିଙ୍ଗ ଦେଖିବାରେ ଏକ ବଳଦର ପାଦଚିହ୍ନ ଭଳି ଲାଗେ। ନଅଟି ନବବ୍ରହ୍ମା ମନ୍ଦିରରେ କେବଳ ଆଠଟିକୁ ହିଁ ଦେଖା ଯାଇପାରେ, କାରଣ ତାରକ ବ୍ରହ୍ମା ମନ୍ଦିରର ସ୍ଥାନ ଅନିଶ୍ଚିତ ଅଟେ।




ଏଠାରେ ଅନେକ ପ୍ରକାର ଉତ୍ସବ ଓ ପର୍ବ ପାଳନ କରାଯାଏ। ହେଲେ ଦଶହରା ଓ ମହାଶିବରାତ୍ରୀ ଉତ୍ସବ ଏଠାରେ ପ୍ରମୁଖ ପର୍ବ ଭାବେ ପାଳିତ ହୁଏ। ଏହି ମନ୍ଦିର ପ୍ରତିଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ରାତ୍ରି ୮ଟା ୩୦ ପର୍ଯ୍ୟନ୍ତ ଖୋଲା ରହେ। ଏହାଛଡ଼ା ପ୍ରତି ଶୁକ୍ରବାର ଦିନ ସକାଳ ୭ଟା ରୁ ଦ୍ୱିପ୍ରହର ୧ଟା ଓ ଅପରାହ୍ନ ୨ଟାରୁ ଅପରାହ୍ନ ୪ଟା ୪୫ ପର୍ଯ୍ୟନ୍ତ ବିଶେଷ ପୂଜାର ବ୍ୟବସ୍ଥା ରହିଛି। ଏହି ସମୟରେ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବାର ସୁଯୋଗ ପାଆନ୍ତି।

ଜୋଗୁଲାମ୍ବା ଦେବୀ ମନ୍ଦିର ବା ଜୋଗୁଲାମ୍ବା ଶକ୍ତିପୀଠରେ ପହଂଚିବା ପାଇଁ ହାଇଦ୍ରାବାଦରୁ କୁର୍ନଲ ଯାଉଥିବା ଆଲାମପୁର ଦେରାହେ (କୁର୍ନଲ ପହଂଚିବା ୧୨ କି.ମି ପୂର୍ବରୁ) ଠାରେ ବାମକୁ ଆଲମପୁର ମାତ୍ର ୧୨ କି.ମି. ଦୂର। ଆଲମପୁର ଏକ ଛୋଟ ସହର। ଜୋଗୁଲାମ୍ବା ଦେବୀ ମନ୍ଦିର ଏହି ସହରର ଦକ୍ଷିଣ-ପୂର୍ବ କୋଣରେ ତୁଙ୍ଗଭଦ୍ରା ନଦୀ ନିକଟରେ ଅବସ୍ଥିତ।

**ଶରତ କୁମାର ରାଉତ,**
ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮

# ଓଡ଼ିଶାରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସ୍ତାବକୁ ସିପିଆଇ(ଏମ୍)ର ବିରୋଧ

ଭୁବନେଶ୍ୱର (ପିଏନ୍): ଓଡ଼ିଶାରେ ସ୍ୱଳ୍ପ ମଜୁରୀ, ଦରଦାମ ବୃଦ୍ଧି, ବେକାରୀ ଏବଂ ଚାଷୀମାନେଙ୍କ ଅଭାବୀ ଧାନ ବିକ୍ରୀ ଆଦି ସମସ୍ୟା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ସମୟରେ ଆର୍ଥିକ ସଙ୍କଟରୁ ରକ୍ଷାପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ପରିବର୍ତ୍ତେ ବିଧାନସଭାରେ ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧି ପାଇଁ ପ୍ରସ୍ତାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସିପିଆଇ(ଏମ୍) ପକ୍ଷରୁ ଏକ ବିବୃତିରେ ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ବିଧାୟକମାନେ ଦରମା ଆକାରରେ ମାସିକ ୩୫ ହଜାର ଭତ୍ତା ବାବଦକୁ ମାସିକ ୬୫ ହଜାର ଏପରି ମୋଟ ୧ ଲକ୍ଷ ଟଙ୍କା ପାଉଛନ୍ତି । ଏହା ବାଦେ ବିଧାନସଭା ଅଧିବେଶନରେ ଯୋଗଦେବା ବେଳେ ଦୈନିକ ୧୫୦୦ ଟଙ୍କା ଭତ୍ତା ପାଉଛନ୍ତି । ପେନସନ ପରିମାଣ ହେଉଛି ଆଜୀବନ ସର୍ବନିମ୍ନ ୩୦,୦୦୦ ଟଙ୍କା । ଏତିକିବେଳେ ରାଜ୍ୟ ସରକାର ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରୀ ଅଣକୁଶଳୀ ଶ୍ରମିକମାନଙ୍କ ନିମନ୍ତେ ଭାରିଏକଲ ମହଗାଁଭତ୍ତା ସହିତ ମାତ୍ର ୩୨୬ ଟଙ୍କାକୁ ବୃଦ୍ଧି କରିଛନ୍ତି । ସେହିପରି ମାସିକ ବିଧବା, ବାର୍ଦ୍ଧକ୍ୟ ଭତ୍ତା ଆଦି ମାତ୍ର ୩୦୦ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେଲେ ୫୦୦ ଟଙ୍କା, ମାତ୍ର ୫ ବର୍ଷ ବିଧାୟକ ପଦରେ ରହି ଜୀବନତମାମ କେଉଁ ଆଧାରରେ ମାସିକ ୩୦ ହଜାର ଟଙ୍କା ପେନସନ ?

ବିଧାୟକ, ସାଂସଦରୁ ପଞ୍ଚାୟତ ପୌରସଭା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି ହେବା ପେଷା କିମ୍ବା ଚାକିରୀ ନୁହେଁ। ସ୍ୱେଚ୍ଛାକୃତ ଭାବେ ଜନସେବା ଏବଂ ଜନସ୍ୱାର୍ଥର ପ୍ରହରୀ ଭାବେ ଉତ୍ସର୍ଗୀକୃତ ହେବା ଉଦ୍ଦେଶ୍ୟରେ ରାଜନୈତିକ ବା ସାମାଜିକ କର୍ମୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି ଏବଂ ତ୍ୟାଗର ପ୍ରତୀକ ଭାବେ ନିଜକୁ ଉପସ୍ଥାପିତ କରିଥାଆନ୍ତି । କିନ୍ତୁ ନିର୍ବାଚିତ ହେବାପରେ ଦରମା, ଭତ୍ତା ଓ ପେନସନ ବୃଦ୍ଧି ପାଇଁ ପ୍ରସ୍ତାବ ରାଜବାସୀ ଓ ରାଜ୍ୟ ରାଜକୋଷ ଉପରେ ବୋଝ ସଦୃଶ । ଓଡିଶା ରାଜ୍ୟ ସରକାର କେବଳ ବିଧାୟକ ନୁହଁନ୍ତି, ରାଜ୍ୟର ଉଚ୍ଚପଦସ୍ଥ ଅଫିସରମାନଙ୍କ ଦରମା ଭତ୍ତା ବୃଦ୍ଧି କରି ଏକ ଉଚ୍ଚ ଆୟକାରୀ ଗୋଷ୍ଠୀ ସୃଷ୍ଟି କରୁଛନ୍ତି । ତଳିଆ ଓ ମଧ୍ୟମ ବର୍ଗର ସବୁ କର୍ମଚାରୀମାନଙ୍କୁ ୬ ବର୍ଷ ପର୍ଯ୍ୟନ୍ତ ସ୍ୱଳ୍ପ ବେତନରେ ଠିକା ନିଯୁକ୍ତି ଏବଂ ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ବିଭିନ୍ନ ବିଭାଗରେ ଖାଲିଥିବା ବେଳେ ତାହା ପୂରଣ ନକରି ସରକାରୀ ଓ ସରକାର ପରିଚାଳିତ ଉଦ୍ୟୋଗଗୁଡିକରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ୍‌ସୋର୍ସ କର୍ମଚାରୀ/ଶ୍ରମିକଙ୍କୁ ସ୍ୱଳ୍ପ ମଜୁରୀ ଓ ବେତନରେ ନିଯୁକ୍ତ କରିଛନ୍ତି । ରାଜ୍ୟରେ ଅର୍ଥାଭାବ ଦର୍ଶାଇ ନିଯୁକ୍ତି ହେଉନାହିଁ । ତେବେ କେଉଁ ନ୍ୟାୟରେ ବିଧାୟକମାନଙ୍କ ଦରମା ଭତ୍ତା ବୃଦ୍ଧି କରାଯିବ ?

ଏତଦ୍‌ବ୍ୟତୀତ ସର୍ବନିମ୍ନ ମଜୁରୀଠାରୁ କର୍ମଚାରୀ ଓ ଅଫିସରମାନଙ୍କ ଦରମା, ଭତ୍ତା ବୃଦ୍ଧି କମିଶନଙ୍କ ଦ୍ୱାରା ବିଚାର ହୋଇ ସ୍ଥିର ହୋଇଥାଏ । କିନ୍ତୁ ବିଧାୟକ ଓ ସାଂସଦମାନଙ୍କ ଦରମା ଭତ୍ତା ପେନ୍‌ସନ୍ ବୃଦ୍ଧି ପାଇଁ ନିଜେ ନିଷ୍ପତ୍ତି କରିଥାଆନ୍ତି । ରାଜନୈତିକ ସ୍ତରରେ ପରସ୍ପର ବିରୋଧିତା ଥିବାବେଳେ ଶାସକ ଓ ବିରୋଧିଦଳର ପ୍ରତିନିଧିମାନେ ମିଳିତ ଭାବେ ଏକସ୍ୱରରେ ନିଜ ଆର୍ଥିକ ଲାଭ ପାଇଁ ଏକତ୍ର ପ୍ରସ୍ତାବ କରିବା କାହା ସ୍ୱାର୍ଥରେ ? ରାଜ୍ୟରେ ସାମାଜିକ କଲ୍ୟାଣ ପେନ୍‌ସନ ବୃଦ୍ଧି ରାଶି ବୃଦ୍ଧି, ଆଉଟସୋର୍ସ ଓ ଠିକା ନିଯୁକ୍ତି ପ୍ରଥାର ବିଲୋପ, ରାଜ୍ୟରେ ସର୍ବନିମ୍ନ ମଜୁରୀ ଦୈନିକ ସର୍ବନିମ୍ନ ୬୦୦ ଟଙ୍କା ବୃଦ୍ଧି ଆଦି ଦାବୀ କରି ପ୍ରତିଦିନ ହଜାର ହଜାର ଉପେକ୍ଷିତ ଶ୍ରମିକ, କର୍ମଚାରୀ, ବେକାର ଯୁବକଯୁବତୀ ରାଜରାସ୍ତାକୁ ଓହ୍ଲାଉଥିବା ବେଳେ ସବୁ ଦଳର ବିଧାୟକ ଏକତ୍ରିତ ହୋଇ ସେମାନଙ୍କ ଦାବୀ ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବେ କି ? ରାଜ୍ୟବାସୀଙ୍କ ଦୁରବସ୍ଥା ବେଳେ ବିଧାୟକମାନଙ୍କର ଦରମା, ଭତ୍ତା , ପେନ୍‌ସନ ରାଶି ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ ରାଜ୍ୟବାସୀ ସର୍ବତ୍ର ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସିପିଆଇ(ଏମ୍) ପକ୍ଷରୁ ଆହ୍ୱାନ କରୁଛୁ ।

# ଭୋଟର ପରିଚୟପତ୍ର ଓ ଆଧାର ସଂଯୋଗୀକରଣ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)- ଭୋଟର ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗୀକରଣ ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଲାଗୁ ହୋଇଥିବା ନୂତନ ବ୍ୟବସ୍ଥା ସମ୍ପର୍କିତ ଏକ ବୈଠକ ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରାଳୟ ଦ୍ୱାରା ଜନପ୍ରତିନିଧି ଅଧିନିୟମ-୧୯୫୦/୫୧ରେ କେତେକ ସଂଶୋଧନ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ନିର୍ବାଚନ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ଦାସ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ ପଞ୍ଜୀକରଣ ଫର୍ମରେ କରାଯାଇଥିବା ସଂଶୋଧନ ସମ୍ପର୍କରେ ଏହି ବୈଠକରେ ଅବଗତ କରାଯାଇଥିଲା । ଏହି ଅବସରରେ ନୂତନ ରୂପାନ୍ତରିତ ପଞ୍ଜୀକରଣ ଫର୍ମର ଉନ୍ମୋଚନ କରାଯିବା ସହିତ ୨୦୨୨ ମସିହା ଅଗଷ୍ଟ ୧ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିବା ନେଇ ସୂଚନା ଦିଆଯାଇଥିଲା । ପରିବର୍ତ୍ତିତ ବ୍ୟବସ୍ଥାରେ ଫର୍ମ ନଂ-୬ରେ କେବଳ ନୂତନ ଭୋଟରଙ୍କ ପଞ୍ଜୀକରଣ କରାଯିବାକୁ ଥିବାବେଳେ ଭୋଟର ତାଲିକାରୁ ନାମ ବାଦ ଦେବା କିମ୍ବା ନାମ ଅନ୍ତର୍ଭୁକ୍ତ ଥିଲେ ଆପତି-ଅଭିଯୋଗ କରିବା ପାଇଁ ଫର୍ମ ନଂ-୭ରେ ଆବେଦନ କରିହେବ । ବର୍ତମାନ ଫର୍ମ-୭ ସହ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯିବ । ସେହିପରି ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତରଣ ନିମନ୍ତେ, ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ ନିମନ୍ତେ ଏବଂ ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଫର୍ମ ନଂ-୮କୁ ବ୍ୟବହାର କରିହେବ । ଜନପ୍ରତିନିଧି ଅଧିନିୟମ-୧୯୫୦ର ଧାରା ୨୩ରେ ସଂଶୋଧନ କରାଯାଇ ପ୍ରଚଳିତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବାକୁ ଥିବା ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସ୍ୱେଚ୍ଛାକୃତ ଭାବେ ପ୍ରଦାନ କରିବେ । ଏଥିନିମନ୍ତେ ନିର୍ବାଚନ ପଞ୍ଜୀକରଣ ଆଇନ-୧୯୬୦ରେ ସଂଶୋଧନ କରାଯାଇଛି । ତା୧/୪/୨୦୨୩ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟରମାନେ ସେମାନଙ୍କର ଆଧାର ନମ୍ବର ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବେ । ଆଧାର ବିବରଣୀ ଦାଖଲ କରିବା ନିମନ୍ତେ ଏକ ନୂତନ ଫର୍ମ ୬(ଖ) ପ୍ରଚଳନ କରାଯାଇଛି । ଏହି ଫର୍ମ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍, ERONET, GARUDA, NVSP, VHA ପ୍ରଭୃତିରେ ମଧ୍ୟ ଉପଲବ୍ଧ ହେବ । ବୁଥସ୍ତରୀୟ ଅଧିକାରୀମାନେ ସ୍ଥାନୀୟ ଅଂଚଳ ଗସ୍ତ କରି ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗୀକରଣ ଲାଗି ତଥ୍ୟ ସଂଗ୍ରହ କରିବା ସହିତ ପ୍ରତି ଶନିବାର ଦିନ ବୁଥରେ ଉପସ୍ଥିତ ରହି ଭୋଟରଙ୍କୁ ସହାୟତା କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପରାମର୍ଶ ଦେଇଥିଲେ । ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ବର୍ତମାନ ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଗୋଟିଏ ଯୋଗ୍ୟତାସୂଚକ ତାରିଖ ପରିବର୍ତେ ୪ ଗୋଟି ଯୋଗ୍ୟତାସୂଚକ ତାରିଖ ଯଥା ଜାନୁଆରୀ ୧ତାରିଖ, ଅପ୍ରେଲ ୧ତାରିଖ, ଜୁଲାଇ ୧ତାରିଖ ଏବଂ ଅକ୍ଟୋବର ୧ତାରିଖ ରଖାଯାଇଛି । ଉପରୋକ୍ତ ତାରିଖମାନଙ୍କ ମଧ୍ୟରୁ ଯେକୌଣସି ତାରିଖରେ ୧୮ ବର୍ଷ ବୟସ ହେଉଥିଲେ ଯୁବକ-ଯୁବତୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ଜିଲ୍ଲାପାଳ ଏ ସବୁ ସମ୍ପର୍କରେ ଅବଗତ କରାଇବା ସହ ଆଧାର ସଂଯୋଗୀକରଣ ଦ୍ୱାରା ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହା ବେଶ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ଶ୍ରୀ କିଶୋର ଚନ୍ଦ୍ର ସ୍ୱାଇଁ ଏହି କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ନୂତନ ଫର୍ମଗୁଡିକୁ ପ୍ରଦାନ କରାଯାଇଥିଲା । ସହକାରୀ ନିର୍ବାଚନ ଅଧିକାରୀ ସ୍ୱାଗତିକା ଦାସ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ

ବାରିପଦା (ପିଏନ୍)- ବାଲେଶ୍ୱରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣିଷ ବିବର୍ତ୍ତନବାଦର ଚରମ ପ୍ରତିଶ୍ରୁତି ବୋଲି କହିବା ସହ ସାଧନା ଓ ସ୍ୱାଭିମାନ ବଳରେ ଅତୁଳନୀୟ ଶକ୍ତି ଓ ସାମର୍ଥ୍ୟର ଅଧିକାରୀ ହୋଇପାରିବ ବୋଲି ନିଜର ମତ ଦେଇଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାରୀ ତ୍ରିପାଠୀ ଫକୀରମୋହନ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଧାନ, ପାନ, ମୀନ ସହିତ ଅନ୍ୟାନ୍ୟ ବିଷୟରେ ପ୍ରୋଜେକ୍ଟ ଆଣି ମୂଲ୍ୟବୋଧଭିତ୍ତିକ ଗବେଷଣାକୁ ପ୍ରାଥମିକତା ଦିଆଯାଇଛି ବୋଲି କହିଥିଲେ। ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରତିଷ୍ଠା ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୀବ କୁମାର ହୋତା, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମିତ୍ତ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ରବିନ୍ଦ୍ର ଦାସଙ୍କଠାରୁ ଆରମ୍ଭ କରି କବି ବ୍ରଜନାଥ ରଥଙ୍କ ପର୍ଯ୍ୟନ୍ତ ସମସ୍ତେ ଶ୍ରମ ଦାନ କରିଛନ୍ତି ବୋଲି କହିବା ସହ ସେମାନଙ୍କ ବଳିଦାନ ଓ ମହତ୍ୱକୁ ସ୍ମରଣ କରିଥିଲେ। ବାଲେଶ୍ୱର ଲୋକସଭାର ସଦସ୍ୟ ଶ୍ରୀଯୁକ୍ତ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଓଡ଼ିଶା ବୀରପୁରୁଷ, ମାଟି, ଦେଶ ତଥା ରାଷ୍ଟ୍ର ଭିତରେ ଜୀବନ ବଞ୍ଚି ମଣିଷ ଏଠି ମହାନ ହୋଇଯାଏ ବୋଲି କହିଥିଲେ। ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର ବିଶ୍ୱବିଦ୍ୟାଳୟ ଆମ ଜାତୀୟ ଜୀବନର ଅସ୍ମିତା ଏବଂ ଏଠାରେ ବିଶ୍ୱସ୍ତରୀୟ ଜ୍ଞାନଚର୍ଚ୍ଚା ଅବସର ରହିଛି ବୋଲି କହିଥିଲେ। ତାମିଲ ଭାଷାର ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ପେରୁମାଲ ମୁରୁଗାନ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଓଡ଼ିଆ ଓ ତାମିଲ ଭାଷାର ସମ୍ପର୍କ ବିଷୟରେ ସଂକ୍ଷିପ୍ତ ପରିଚୟ ଦେଇ ବକ୍ତବ୍ୟ ଆରମ୍ଭ କରିବା ସହ ତାଙ୍କୁ ସମ୍ମାନିତ କରାଯାଇଥିବା ହେତୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଏହି ଅବସରରେ ଦେବେନ୍ଦ୍ର ଆଚାର୍ଯ୍ୟ ଓ ପୂଜାରାଣୀ ବେହେରାଙ୍କୁ ବେଷ୍ଟ ଭେଲ୍ୟୁଣ୍ଟର ପାଇଁ ଏନଏସଏସ ପୁରସ୍କାର ଏବଂ ଗୌରାଙ୍ଗ ପିଲା ଓ ପଙ୍କଜିନୀ ଦାସଙ୍କୁ ବେଷ୍ଟ ପୋଗ୍ରାମ ଅଫିସର ରୂପେ ୨୦୨୧/୨୨ ମସିହା ପାଇଁ ଏନଏସଏସ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ସେହିପରି ବିଶ୍ୱନାଥ ସାହୁଙ୍କୁ ୨୦୨୧ ମସିହାର ବେଷ୍ଟ ପିଜି ଛାତ୍ର ରୂପେ ପ୍ରଫେସର ଇନ୍ଦ୍ରମଣି ପତି ସ୍ୱର୍ଣ୍ଣ ପଦକ, ଡାଃ ଦିଲ୍ଲିପ କୁମାର ବେହେରାଙ୍କୁ ଫକୀରମୋହନ ଯୁବ ଲେଖକ ସମ୍ମାନ ୨୦୨୨, ବୈଜ୍ଞାନିକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଓ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ ସାହୁଙ୍କୁ ବ୍ୟାସଗୌରବ ସମ୍ମାନ ୨୦୨୨ ଏବଂ ଆନ୍ତର୍ଜାତିକ ସ୍ତରରେ ଖ୍ୟାତିଲାଭ କରିଥିବା ତାମିଲ ଭାଷାର ଲେଖକ ଶ୍ରୀଯୁକ୍ତ ପେରୁମାଲ ମୁରୁଗାନଙ୍କୁ ଫକୀରମୋହନ ଜାତୀୟ ପୁରସ୍କାର ୨୦୨୨ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏମଏମୟୁ ଇନ ମିଡ଼ିଆ ନିଉଜ ଓ ସେଣ୍ଟର ଅଫ ଏକ୍ସଲେନ୍ସ ବିଭାଗ ଉଦ୍‌ଘାଟିତ ହୋଇଥିଲା।

## ବିଛାଖଣ୍ଡି ପାହାଡରୁ ବେଆଇନ କଳାପଥର ଖନନ ଅଭିଯୋଗରେ ୩ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ରୁ ବେଆଇନ ଭାବେ କଳାପଥର ଲୁଟ ଘଟଣାରେ ପୁଲିସ ୩ ଜଣ ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଏହି ତହସିଲ ଅନ୍ତର୍ଗତ ବିଭିନ୍ନ କଳାପଥର ଖାଦାନରେ ମାଫିଆମାନେ ପ୍ରଶାସନକୁ ଚକ୍‌ମା ଦେଖାଇ ବେଆଇନ ଭାବେ କଳାପଥର ଲୁଟ କରି ଅନ୍ୟତ୍ର ଚାଲାଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏନେଇ ତହସିଲ ଓ ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସମୟରେ ସମ୍ପୃକ୍ତ ଖାଦାନଗୁଡିକରେ ଚଢ଼ାଉ କରାଯାଇ ଗାଡି ଓ ମେସିନ ଜବତ କରାଯାଉଛି। ହେଲେ ବେଆଇନ ଭାବେ ଚୋରି କରୁଥିବା ମାଫିଆମାନେ ଏଥିରୁ ସହଜରେ ଖସିଯିବାକୁ ସକ୍ଷମ ହେଉଛନ୍ତି। ଗତ ମାସ ୨୩ ତାରିଖରେ ଧର୍ମଶାଳା ତହସିଲ ଓ ଜିଲ୍ଲା ପୁଲିସ ସ୍କ୍ୱାର୍ଡ ପକ୍ଷରୁ ବେଆଇନ ଭାବେ କଳାପଥର ଖନନ ହେଉଥିବା ବିଛାଖଣ୍ଡି ପାହାଡ଼ରେ ଚଢ଼ାଉ କରାଯାଇ ଗାଡି ଓ ମେସିନ ଜବତ କରାଯାଇଥିଲା। ଖାଦାନରେ ଚଢ଼ାଉ ସମୟରେ ସୁରାକ ପାଇ ବେଆଇନଭାବେ ଖନନ କରୁଥିବା ମାଫିଆମାନେ ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ତେବେ ଏନେଇ ବେଆଇନ କଳାପଥର ଖନନ କରୁଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ଜେନାପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢେଙ୍କାନାଳ ଜିଲ୍ଲା ନିହାଲ ପ୍ରସାଦ ଅଂଚଳର କୋଦଣ୍ଡ ସେଠୀ (୪୬) ଓ କଟକ ଜିଲ୍ଲା ଚାଉଳିଆଗଞ୍ଜ ଅଂଚଳର ସିଦ୍ଧାର୍ଥ ପୃଷ୍ଟି (୨୩), ଏହି ଥାନା ତାଳଜଙ୍ଗ ଗ୍ରାମର ଲକ୍ଷ୍ମୀଧର ରାଉତ (୩୩)ଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକ ଉତ୍ସବ



ଖୋର୍ଦ୍ଧା (ପିଏନ୍): ମାତୃଭାଷା ହେଉଛି ମା'ର ଭାଷା। ଏହା ଗୋଟେ ଜାତିର ଅସ୍ମିତା ଓ ସ୍ୱାଭିମାନ। ଏହାକୁ ଅବଜ୍ଞା କଲେ ମାତୃଦ୍ରୋହୀ ହେବ। ଭାଷା ସୁରକ୍ଷା ସମ୍ମିଳନୀର ଅଷ୍ଟମ ବାର୍ଷିକ ସମ୍ମିଳନୀରେ ଏହି ପ୍ରସଂଗ ଆଲୋଚନାର ବିଷୟ ସାଜିଛି। ଜିଲ୍ଲା ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଣପୁର ଚିଲିକା ଅଞ୍ଚଳ ବ୍ୟତୀତ ଟାଙ୍ଗୀ, ଖୋର୍ଦ୍ଧା ଓ ଖଲ୍ଲିକୋଟ ଅଞ୍ଚଳରୁ କବି, କବୟିତ୍ରୀ ତଥା ସାହିତ୍ୟିକମାନେ ଯୋଗଦେଇଥିଲେ । ଦୋକାନ ବଜାର, କାର୍ଯ୍ୟାଳୟ ତଥା ବିବାହବ୍ରତ ନିମନ୍ତ୍ରଣ ପତ୍ର ଓଡିଆରେ ଲେଖିବା ପାଇଁ ଆଲୋଚନା ହୋଇଥିଲା । ସରକାରୀ ସ୍ତରରେ ଓଡିଆ ଭାଷା ପ୍ରଚଳନ ତଥା ଭାଷା ଆୟୋଗ ଗଠନ ପାଇଁ ଦାବି ହୋଇଥିଲା। ଗବେଷକ ମଦନମୋହନ ମହାପାତ୍ର, ପ୍ରଫେସର ସର୍ବେଶ୍ୱର ଷଡଙ୍ଗୀ ଓ ରବିନ୍ଦ୍ରନାଥ ପ୍ରଧାନ ଓଡିଆ ଭାଷା ସାହିତ୍ୟକୁ ବାଣପୁର ଅବଦାନ ସଂପର୍କରେ ତଥ୍ୟ ସମ୍ବଳିତ ବିବରଣୀ ଉପସ୍ଥାପନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ସାମ୍ବିଧାନିକ ଆଲୋଚନାଚକ୍ରରେ ଚିଲିକା ଭାଷା ସୁରକ୍ଷା ସମ୍ମିଳନୀର ଉପଦେଷ୍ଟା ଭାବେ ଗବେଷକ ମଦନମୋହନ ମହାପାତ୍ର ଓ ପ୍ରଫେସର ସର୍ବେଶ୍ୱର ଷଡଙ୍ଗୀ ମନୋନୀତ ହୋଇଥିବା ବେଳେ ରଙ୍ଗନାଥ ସେଠୀ ସଭାପତି, ରବିନ୍ଦ୍ରନାଥ ପ୍ରଧାନ ଉପ-ସଭାପତି, ଦିଲୀପ କୁମାର ମହାନ୍ତି ଉପ-ସଭାପତି, ଶେଷଦେବ ମହାରଣା ସଂପାଦକ, ବନ୍ଦନା ମହାପାତ୍ର ସହ-ସଂପାଦିକା, କୁନ୍ତଳା ବେହେରା ସଂଗଠନ ସଂପାଦିକା, ଝରଣାରାଣି ଷଡଙ୍ଗୀ କୋଷାଧକ୍ଷା ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରାଜକିଶୋର କେଇ, ସୁବାସଚନ୍ଦ୍ର ସେଠୀ, ମାଧବ ମହାରଣା, ଗତିକୃଷ୍ଣ ଜଗଦେବ ଓ କୃଷ୍ଣଚନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ । ଅଧିବକ୍ତା ଶେଷଦେବ ମହାରଣା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୧୮**

# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି


ନାଟ୍ୟସାରଥି ଅଭୟ କୁମାର ଦାସ

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ। ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ୍ୟ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରଙ୍କୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।

*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

# ଏ ମାଟିର ବିସ୍ମୟ : ନେତାଜୀ


ଶ୍ୟାମ ସୁନ୍ଦର ସାମଲ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ଭିନ୍ନ ଅଧ୍ୟାୟ। ସାଲିସ୍ ନୁହେଁ, ସଂଗ୍ରାମ ହିଁ ଥିଲା ଜୀବନର ମୂଳମନ୍ତ୍ର। ସମଗ୍ର ଜୀବନ ଦେଶମାତୃକାକୁ ବ୍ରିଟିସ କବଳରୁ ମୁକ୍ତ କରିବାକୁ ତାଙ୍କ ନିରବଚ୍ଛିନ୍ନ ସଂଗ୍ରାମର କାହାଣୀ ଆଜି ମଧ୍ୟ ଆମକୁ ସ୍ତମ୍ଭୀଭୂତ କରେ। ନେତାଜୀଙ୍କ ଜୀବନ ଠାରୁ ଅଧିକ ରୋମାଞ୍ଚକର ତାଙ୍କ ମୃତ୍ୟୁର କାହାଣୀ। ଏହା କେତେ ସତ କେତେ ମିଛ ତାକୁ ନେଇ ବର୍ତ୍ତମାନ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଏପରିକି ନେତାଜୀଙ୍କ ମୃତ୍ୟୁ ଖବରକୁ ତାଙ୍କ ପରିବାର ଲୋକେ ଖଣ୍ଡନ କରୁଛନ୍ତି। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ନେତାଜୀ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଯାଉଛି, କିନ୍ତୁ ସେତେବେଳକୁ ନେତାଜୀ ସୋଭିଏତ୍ ଋଷରେ ନଜରବନ୍ଦୀ ଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ନେତାଜୀଙ୍କୁ ମୃତୁ ଘୋଷଣା କରିବାର ଏତେ ବର୍ଷ ପରେ ମଧ୍ୟ ତାଙ୍କ ମୃତ୍ୟୁ ଖବର ରହସ୍ୟାବୃତ ହୋଇ ରହିବା ଏବଂ ସରକାର ତାଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜକୁ ସାର୍ବଜନୀନ ନକରିବା ଅନେକ ଗୁଡ଼ିଏ ପ୍ରଶ୍ନ ଉତ୍‌ଥାପନ କରୁଛି। ଏପରିକି ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ କଲିକତା ହାଇକୋର୍ଟର ଏକ ସ୍ୱତନ୍ତ୍ର ବେଞ୍ଚ୍ ଗଠନ ହୋଇଛି।

୧୮୯୭ ମସିହା, ଜାନୁଆରୀ ୨୩ ତାରିଖରେ ଓଡ଼ିଶାର କଟକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମ ଗ୍ରହଣ କରିଥିଲେ। ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାତୀ ଦେବୀଙ୍କ ନବମ ସନ୍ତାନ ଥିଲେ ସୁଭାଷ। କଟକର ପ୍ରୋଟେଷ୍ଟାଣ୍ଟ ୟୁରୋପିଅନ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ନେତାଜୀ। ତା'ପରେ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାତ୍ର ପନ୍ଦର ବର୍ଷ ବୟସରେ ନେତାଜୀ ଇଣ୍ଟରମିଡ଼ିଏଟ୍ ପାଶ କରିଥିଲେ। ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଦର୍ଶନ ଶାସ୍ତ୍ର ସମ୍ମାନରେ ବି.ଏ.ପାଶ କରିଥିଲେ। ୧୯୧୯ ମସିହାରେ ଆଇସିଏସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଇଂଲଣ୍ଡ ଚାଲିଗଲେ। ଆଇସିଏସ୍ ପାଇଲେ ମଧ୍ୟ। ହେଲେ ତାଙ୍କ ଜୀବନର ଅସଲ ଲକ୍ଷ୍ୟ ଭିନ୍ନଥିଲା। ଦେଶରୁ ବ୍ରିଟିସମାନଙ୍କୁ ତଡି ଦେଶକୁ ସ୍ୱାଧୀନ କରିବାର ପଣ ତାଙ୍କୁ ସ୍ୱାଧୀନତା ଆନ୍ଦୋଳନ ଆଡ଼କୁ ଟାଣି ଆଣିଲା। ଏଥିପାଇଁ ସେ କଲିକତାର ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ନେତାଜୀ ଇଂଲଣ୍ଡରୁ ଦେଶବନ୍ଧୁଙ୍କୁ ଚିଠି ଲେଖି ତାଙ୍କ ସହିତ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ କଥାରେ ସେ ଭାରତ ଫେରିଲେ ଏବଂ ବମ୍ବେ ଯାଇ ମହାତ୍ମା ଗାନ୍ଧୀଙ୍କୁ ୧୯୨୧ ମସିହାରେ ଭେଟିଥିଲେ। ସେତେବେଳେ ଗାନ୍ଧୀଜୀ ଇଂରେଜମାନଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଦେଶବ୍ୟାପୀ ଚଳାଇଥିଲେ। ବଙ୍ଗରେ ତା'ର ନେତୃତ୍ୱ ନେଉଥିଲେ ଚିତ୍ତରଞ୍ଜନ ଦାସ, ଆଉ ନେତାଜୀ ଗାନ୍ଧୀଜୀଙ୍କ ଉପଦେଶ କ୍ରମେ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏତିକି ବେଳେ ଚିତ୍ତରଞ୍ଜନ କଂଗ୍ରେସ ସ୍ୱରାଜ ଦଳ ଗଠନ କରି ଇଂରେଜମାନଙ୍କୁ ବିରୋଧ କରିବାକୁ କଲିକତା ମହାପାଳ ନିର୍ବାଚନ ଲଢ଼ିଲେ। ନିଜେ କଲିକତାର ମହାପାଳ ହେବା ସହିତ ସୁଭାଷଙ୍କ ମହାପାଳର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କରିଥିଲେ। ତା'ପରେ ନେତାଜୀ କଲିକତାରେ ଇଂରେଜ ମାନଙ୍କ ନାମରେ ନାମିତ ସଡ଼କ ଓ ସ୍ଥାନ ଗୁଡ଼ିକୁ ଭାରତୀୟ ନାମକୁ ପରିବର୍ତ୍ତନ କଲେ। ତା'ଛଡ଼ା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରୁଥିବା ଲୋକଙ୍କ ପରିବାରର ସଦସ୍ୟଙ୍କୁ ମହାପାଳିକାରେ ବିଭିନ୍ନ ପଦବିରେ ନିଯୁକ୍ତ କରୁଥିଲେ। ଅସଲରେ ଏଇଠୁ ଆରମ୍ଭ ହୋଇଥିଲା ନେତାଜୀଙ୍କ ସଂଗ୍ରାମୀ ଜୀବନ।

୧୯୨୮ ମସିହରେ ସାଇମନ୍ କମିସନଙ୍କୁ ବିରୋଧ କରି ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା କଲିକତାରେ ତା'ର ନେତୃତ୍ୱ ନେଲେ ସୁଭାଷ। ଧୀରେ ଧୀରେ ସୁଭାଷଙ୍କ ଲୋକପ୍ରିୟତା ଦେଶ ମଧ୍ୟରେ ବଢ଼ିଚାଲିଥାଏ। ଏମିତି ବେଳେ ୧୯୩୮ ମସିହାରେ ହରିପୁରା ଠାରେ କଂଗ୍ରେସର ୫୧ତମ ଅଧିବେଶନ ଅବସରରେ ଗାନ୍ଧୀଜୀ ସୁଭାଷଙ୍କୁ କଂଗ୍ରେସର ଅଧ୍ୟକ୍ଷ ଭାବରେ ଚୟନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁଭାଷଙ୍କ କାର୍ଯ୍ୟଧାରା ଗାନ୍ଧୀଜୀଙ୍କୁ ପସନ୍ଦ ଆସିନଥିଲା ଏବଂ ଦୀର୍ଘଦିନ ଧରି କଂଗ୍ରେସ ଅଧ୍ୟକ୍ଷ ଚୟନ ହୋଇପାରିନଥିଲା। ନେଜାତୀ ୧୯୩୯ରେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ। ଏହିପରି ଭାବେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଏକ ଭିନ୍ନ ପରିଚୟ ସୃଷ୍ଟି ହେଉଥିଲା। ବାରମ୍ବାର ବିଶ୍ୱର ବିଭିନ୍ନ ଦେଶକୁ ଯାଇ ଇଂରେଜ ଶାସନ ବିରୋଧରେ ସମର୍ଥନ ଯୋଗାଡ଼ରେ ଲାଗିଥିଲେ ନେତାଜୀ। ଏତିକି ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟିଶ ସରକାର ବିରୋଧରେ ସେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ନେତାଜୀଙ୍କ ଜୟହିନ୍ଦ୍ ସ୍ଲୋଗାନ ଭାରତର ଅଗଣିତ ଜନତାଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତାଜୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ମତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ।

ଐତିହାସିକମାନେ ମତ ଦିଅନ୍ତି ଯେ ନେତାଜୀ ଯେତେବେଳେ ବ୍ରିଟିସ ସରକାର ବିରୋଧରେ ଜର୍ମାନୀ ଓ ଜାପାନର ସହାୟତା ନେଲେ ସେତେବେଳେ ବ୍ରିଟିସ୍‌ମାନେ ନେତାଜୀଙ୍କୁ ହତ୍ୟା କରିବା ପାଇଁ ଗୁଇନ୍ଦା ବିଭାଗକୁ ୧୯୪୧ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ନେତାଜୀ ୫ ଜୁଲାଇ ୧୯୪୩ ମସିହାରେ ସିଙ୍ଗାପୁରର ଟାଉନ୍‌ହଲ ଆଗରେ ସୁପ୍ରିମ୍ କମାଣ୍ଡର ଭାବେ ମିଳିତ ସେନାକୁ ଦିଲ୍ଲୀ ଚଲୋ ସ୍ଲୋଗାନ ଦେଇ ସମ୍ବୋଧନ କରିଥିଲେ। ୨୧ ଅକ୍ଟୋବର ୧୯୪୩ ମସିହାରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ସର୍ବୋଚ୍ଚ ପଦବି ସେନାପତି ଭାବେ ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ଯାହାକୁ ଜାପାନ, ଜର୍ମାନୀ, ଚୀନ, ଫିଲିପିନ୍‌ସ୍, କୋରିଆ, ଇଟାଲୀ ଓ ମାନ୍‌ଚୁକା ସମର୍ଥନ କରିଥିଲେ। ସେତେବେଳେ ଜାପାନ ସରକାର ଏହି ଅସ୍ଥାୟୀ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦେଇଦେଇଥିଲେ। ତା'ପରେ ନେତାଜୀ ସେଠାକୁ ଯାଇ ଦ୍ୱୀପପୁଞ୍ଜର ନୂଆ ନାମକରଣ କରିଥିଲେ। ୧୯୪୪ ମସିହାରେ ଆଜାଦ୍ ହିନ୍ଦ ଫୌଜ ଇଂରେଜମାନଙ୍କ ଉପରେ ଆକ୍ରମଣ କରି ଭାରତର କେତେକ ଅଞ୍ଚଳ ଇଂରେଜ ମାନଙ୍କ କବଳରୁ ମୁକ୍ତ କରିଥିଲେ। ୧୯୪୪ ଏପ୍ରିଲ ୪ ତାରିଖରୁ ୨୨ ଜୁନ୍ ୧୯୪୪ ପର୍ଯ୍ୟନ୍ତ କୋହିମା ଯୁଦ୍ଧରେ ଜାପାନ ସେନାକୁ ପଛକୁ ହଟିବାକୁ ପଡ଼ିଥିଲା ସତ ହେଲେ ଏହି ଯୁଦ୍ଧ ବ୍ରିଟିସମାନଙ୍କ ମନୋବଳକୁ ଭାଙ୍ଗି ଦେଇଥିଲେ। ୬ ଜୁଲାଇ ୧୯୪୪ ମସିହାରେ ନେତାଜୀ ରେଙ୍ଗୁନ୍ ରେଡ଼ିଓରେ ଏକ ସନ୍ଦେଶ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଠାରୁ ଏହି ଚୂଡ଼ାନ୍ତ ଯୁଦ୍ଧରେ ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ନେତାଜୀ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଗଲା। ତା'ସହିତ ଏକ ସଂଗ୍ରାମଶୀଳ ଇତିହାସର ଯବନିକା ପାତ ହୋଇଥିଲା। ପରିତାପର ବିଷୟ ହେଉଛି, ଯେଉଁ ନେତାଜୀ ନିଜ ଜୀବନକୁ ଦେଶ ମାତୃକା ପାଇଁ ଉତ୍ସର୍ଗ କରିଦେଲେ ଆଜି ତାଙ୍କ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ମତ ଓ ମତାନ୍ତର ତାଙ୍କ ପାଇଁ ଅପମାନ ନୁହେଁ କି ? ତା'ସହିତ ନେତାଜୀଙ୍କ ଭଳି ଜଣେ ଜନନାୟକଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ କରି ରହସ୍ୟ ଉନ୍ମୋଚନ କରିବା କ'ଣ ସରକାରଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ନୁହେଁ କି ?

*ବିଡ଼ାନାସୀ ବନ୍ଧଛକ, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ଜାଲିଆତିକୁ ରୋକିବ କିଏ ?


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଜାଲ ଶିକ୍ଷାଗତ ସାର୍ଟିଫିକେଟ ବଳରେ ରାଜ୍ୟର ସରକାରୀ ସ୍କୁଲଗୁଡିକରେ ନିଯୁକ୍ତି ପାଇଥିବା ୧୫୦ଶିକ୍ଷକଙ୍କୁ ଚିହ୍ନଟ କରି ସ୍କୁଲ ଓ ଗଣଶିକ୍ଷା ବିଭାଗ ଚାକିରୀରୁ ବହିଷ୍କାର କରିଥିବା ବେଳେ ଆଉ ୩୦୦ରୁ ଊର୍ଦ୍ଧ୍ୱ ଜାଲ ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । କେବଳ ଏତିକି ନୁହେଁ ଜାଲ ପ୍ରମାଣପତ୍ର ଦେଇ ଚାକିରୀ ପାଇଥିବା ଶିକ୍ଷକ-ଶିକ୍ଷୟତ୍ରୀମାନଙ୍କୁ ଚିହ୍ନଟ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଠିକ୍ ଭାବେ ତଦନ୍ତ କରାଯାଏ, ତେବେ ଜାଲ ଶିକ୍ଷକଙ୍କ ସଂଖ୍ୟା ହଜାର ହଜାରକୁ ଟପିଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କହିବା ବାହୁଲ୍ୟ ଆନ୍ଧ୍ର ତଥା ଓଡିଶା ବାହାର କେତେକ ରାଜ୍ୟରେ ଖୋଲିଥିବା ବିଇଡି ପ୍ରମାଣପତ୍ର ବଳରେ ରାଜ୍ୟରେ ହଜାର ହଜାର ଯୁବକଯୁବତୀ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ନିଯୁକ୍ତି ପାଇଥିବା ଶୁଣାଯାଏ। ଏହା ଯଦି ସତ୍ୟ ହୋଇଥାଏ, ତେବେ ସାଂଘାତିକ ବୋଲି କୁହାଯିବ। ମଣିଷ ଗଢୁଥିବା ଶିକ୍ଷାନୁଷ୍ଠାନରେ ଜାଲ ଶିକ୍ଷକ ଗୁରୁ ହୁଅନ୍ତି, ତେବେ ପିଲାଙ୍କ ଭବିଷ୍ୟତ କ'ଣ ହେବ, ତାହା ଭବିଷ୍ୟତ ହିଁ କହିବ। ଏହା କିନ୍ତୁ ସତ୍ୟ ଯେ, ଏହି ଜାଲ ଶିକ୍ଷାଗାତ ପ୍ରମାଣପତର ସୃଷ୍ଟି କର୍ତା ହେଉଛି ଶିକ୍ଷାନୁଷ୍ଠାନ। ବଲାଙ୍ଗୀରରେ ଥିବ କୋଚିଂ ସେଂଟରରେ ଜାଲ ସାର୍ଟିଫିକେଟ କେନ୍ଦ୍ର ବିନ୍ଦୁ ପାଲଟିଥିବା କ୍ରାଇମବ୍ରାଂଚ ତଦନ୍ତରୁ ଜଣାପଡିଛି। ଏହି ଶିକ୍ଷାନୁଷ୍ଠାନରୁ ଦେଶର ୪୧ଟି ବିଶ୍ୱବିଦ୍ୟାଳୟର ନକଲି ପ୍ରମାଣପତ୍ର ଜବତ ହୋଇଛି। ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ଏହି ଜାଲ ପ୍ରମାଣପତ୍ର ବିକ୍ରି ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀର ପୋଷ୍ଟମାଷ୍ଟର ବିକ୍ରୀ ହେଉଥିଲା। ନିକଟରେ ଡାକ ବିଭାଗର ଗ୍ରାମୀଣ ପୋଷ୍ଟମାଷ୍ଟର ପଦବୀରେ ନିଯୁକ୍ତି ପାଇଁ ଆବେଦନରୁ ୩୭ଜଣ ଜାଲ ଡିଗ୍ରୀଧାରୀ ଧରା ହେବା ପରେ ଏବେ ଖୋଳତାଡ ଚାଲିଛି। ଇତିମଧ୍ୟରେ କ୍ରାଇବ୍ରାଂଚ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବା ବେଳେ ଜାଲ ସାର୍ଟିଫିକେଟ ମାମଲାରେ ୧୯ଜଣଙ୍କୁ ଗିରଫ କରିଥିବାବେଳେ ଜାଲ ସାର୍ଟିଫିକେଟ ବଳରେ ସରକାରୀ ସଂସ୍ଥାଗୁଡିକରେ ନିଯୁକ୍ତି ପାଇଥିବା ୨୦୦ଜଣଙ୍କ ସମ୍ପର୍କରେ ତଦନ୍ତ ହେଉଛି। ତେବେ ଏମାନଙ୍କ ସଂଖ୍ୟା ହଜାରକୁ ଟପିଯିବା ଅସମ୍ଭବ ନୁହେଁ। ଏବେ ରାଜ୍ୟ ହେଉ ବା କେନ୍ଦ୍ର ସରକାର ହୁଅନ୍ତୁ, ବାହାବା ନେବା ପାଇଁ ରାଜନୈତିକ ଫାଇଦା ହାସଲ ପାଇଁ ମେଳା ମାଧ୍ୟମରେ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଉଛନ୍ତି। ଅତୀତରେ ନିଯୁକ୍ତି ମେଳା ମାଧ୍ୟମରେ ରାଜ୍ୟ ସରକାର ଲକ୍ଷାଧିକ ଯୁବକ ଯୁବତୀଙ୍କୁ ଶିକ୍ଷକ-ଶିକ୍ଷୟତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ ବାହାର ଶିକ୍ଷାନୁଷ୍ଠାନର ଡିଗ୍ରୀଧାରୀ ଥିବା କିଛି ଅସମ୍ଭ ନୁହେଁ। ରାଜ୍ୟ ବାହାର ଡିଗ୍ରୀଧାରୀ ଶିକ୍ଷକ ଶିକ୍ଷୟତ୍ରୀ ହୁଅନ୍ତୁ କିମ୍ବା ସରକାରୀ କର୍ମଚାରୀ ହୁଅନ୍ତୁ, ସେମାନଙ୍କ ସମ୍ପର୍କରେ ତଦନ୍ତ କରାଯିବା ଆବଶ୍ୟକ। ସୁଖର କଥା ମହାଡାକପାଳ ଜାଲ ପ୍ରମାଣପତ୍ର ମାମଲାର ସିବିଆଇ ତଦନ୍ତ ପାଇଁ ପତ୍ର ଲେଖିଛନ୍ତି। ଯାହାକି ଏକ ସ୍ୱାଗତଯୋଗ୍ୟ ଏବଂ ସମୟୋଚିତ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। କେବଳ ଶିକ୍ଷା ବିଭାଗ ନୁହେଁ କି ଡାକ ବିଭାଗ ନୁହେଁ, ଦେଶରେ ନକଲି ଡାକ୍ତରଙ୍କ ସଂଖ୍ୟା ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଯେଉଁ ତଥ୍ୟ ପ୍ରଦାନ କରିଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଭୟଙ୍କର ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୪୯ପ୍ରତିଶତ ନକଲି ଡାକ୍ତର କାର୍ଯ୍ୟରତ ଅଛନ୍ତି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସେହି ଚିରଂଜୀବୀ ଉକ୍ତି ଏହାର ଯଥାର୍ଥତା ବହନ କରୁଛି। 'ଶାଗୁଣା, ବିଲୁଆ ଚିକିତ୍ସକ ହେଲେ ଶବ କି ପାଇପ ପ୍ରାଣ'? ନିକଟରେ ଫକୀରମୋହନ ମେଡିକାଲ କଲେଜରେ ଜଣେ ଯୁବକ ଡାକ୍ତର ବେଶରେ ଦୀର୍ଘ ୨୦ଦିନ ଧରି ରୋଗୀଙ୍କ ଚିକିତ୍ସା କରିବା, ଛାତ୍ରାବାସରେ ରହିଥିଲେ ମଧ୍ୟ ତାକୁ କେହି ଚିହ୍ନଟ କରି ପାରିନଥିଲେ। ଅତୀତରେ ସୁନ୍ଦରଗଡ ଜିଲ୍ଲାରେ ଜଣେ ଦଶମ ପାସ୍ କରି ଦୀର୍ଘ ବର୍ଷ ବର୍ଷ ଧରି ଡାକ୍ତର ଭାବେ ରୋଗୀଙ୍କ ଚିକିତ୍ସା କରିବା ଘଟଣା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରଥିଲା। ସ୍କୁଲ, ଡାକ ଓ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଗଣତନ୍ତ୍ରର ତୃତୀୟ ସ୍ତମ୍ଭର ଅଂଶୀଦାର ତଥା ବୁଦ୍ଧିଜୀବୀ ଭାବେ ପରିଚିତ ଆଇନଜୀବୀ(ଓକିଲ)ଙ୍କ ଶିକ୍ଷାଗତ ପ୍ରମାଣପତ୍ର ନକଲି ଥିବା ଅଭିଯୋଗ ହୋଇଛି। ଦେଶରେ କାର୍ଯ୍ୟରତ ସମସ୍ତ ଆଇନଜୀବୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଂଚ ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ଦେଶରେ ଏବେ ବିଭିନ୍ନ କ୍ଷେତ୍ରରେ ନକଲି, ଜାଲିଆତି ମାଡି ଚାଲିଛି। ନକଲି, ଜାଲିଆତିକୁ ରୋକିବା ପାଇଁ ପୋଲିସ ଠାରୁ ସିବିଆଇ ପର୍ଯ୍ୟନ୍ତ ବହୁ ସଂସ୍ଥା ଥିବାବେଳେ ଆଇନରେ ମଧ୍ୟ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଜାଲିଆତି ନିକଟରେ ଆଇନ ଓ ତଦନ୍ତକାରୀ ସଂସ୍ଥା କେବଳ ଅସହାୟ ନୁହେଁ, 'ଢୋଲ ଭିତରେ ମୂଷା' ବୋଲି କହିଲେ କହିଲେ ଅତିରଂଜିତ ହେବ ନାହିଁ। ତେବେ ପ୍ରଶ୍ନ ଉଠୁଛି ଏହାକୁ ରୋକିବ କିଏ ?

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋ -୯୪୩୭୯୯୪୩୭୯*

# ସାନ ସିନା, ଦାନ ତା ମହାନ୍


ସୁବାଷ କୁମାର ତାରଣିଆଁ

ଆମେ ଇତିହାସରେ ପଢିଥିଲେ ଯେ ଯେଉଁଠି ୧୨୦୦ ବଢେଇ କୋଣାର୍କ ମନ୍ଦିରର ମୁଣ୍ଡି ମାରିପାରି ନଥିଲେ, ସେଠି ୧୨ ବର୍ଷର ବାଳକ ଧର୍ମପଦ କୋଣାର୍କ ମନ୍ଦିରର ମୁଣ୍ଡ ମାରି ୧୨୦୦ ବଢେଇଙ୍କ ଜୀବନ ବଞ୍ଚାଇବାକୁ ଯାଇ ନିଜେ ପ୍ରାଣ ହରାଇଥିଲେ। ଧର୍ମପଦଙ୍କ ମହାନତା ପାଇଁ ଆଜି ବି ଓଡ଼ିଆଜାତି ଗର୍ବିତ। ଆଜି ସିନା ଧର୍ମପଦ ଆମ ଗହଣରେ ନାହାଁନ୍ତି, ହେଲେ ସମାଜକୁ ସେ ଯେଉଁ ବାର୍ତ୍ତା ଦାନ କରି ଯାଇଛନ୍ତି ସେ ବାର୍ତ୍ତାକୁ ଏବେ କି କିଛି ଲୋକ କାର୍ଯ୍ୟକାରୀ କରୁଛନ୍ତି। ନିଜ କଷ୍ଟାର୍ଜିତ ଅର୍ଥରେ କିଣିଥିବା ମୂଲ୍ୟବାନ ସୁନାଚେନଟିକୁ ହରାଇ ଭୀତସନ୍ତ୍ରସ୍ତ ଅବସ୍ଥାରେ ଥିବା ମାଲିକଙ୍କୁ ସୁନାଚେନଟିକୁ ଫେରାଇ ନିଜର ମହାନତାର ପରିଚୟ ଦେଇଛନ୍ତି ଜଣେ ସ୍ୱଚ୍ଛ ସାଥୀ।

ଗତ ଫେବୃୟାରୀ ମାସ ୨୧ ତାରିଖ ସୋମବାର ଦିନର ଘଟଣା। ଭୁବନେଶ୍ୱର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ସ୍ୱଚ୍ଛ ସାଥୀ ପୂଜା ସିଂ ଅଳିଆ ସଫା କରୁଥିବା ସମୟରେ ଏକ ସୁନା ଚେନ ପାଇଥିଲେ। ପ୍ରାୟ ୬ ଭରି ଓଜନର ସୁନା ଚେନ୍ ପାଇବା ପରେ କୌଣସି ଲୋକ ହୁଏତ ଲୋଭରେ ଏହାକୁ ଲୁଚାଇ ନେଇପାରିଥାନ୍ତା। କିନ୍ତୁ ସଚ୍ଚୋଟ ପୂଜା ସିଂଙ୍କୁ ଲୋଭ ଗ୍ରାସ କରିପାରି ନଥିଲା। ସେ ସୁନା ଚେନ୍‌ଟିକୁ ପ୍ରକୃତ ମାଲିକଙ୍କୁ ଫେରାଇ ପ୍ରଶଂସାର ପାତ୍ରୀ ପାଲଟିଛନ୍ତି। ତାଙ୍କର ଏଭଳି ମହାନତା ପାଇଁ ବିଏମ୍‌ସି ମେୟର ସୁଲୋଚନା ଦାସ, କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ ପୂଜାଙ୍କୁ ସାଧୁବାଦ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ବିଭୂତି ଭୂଷଣ ସେଠୀ, ଗତ ଫେବୃୟାରୀ ୧୮ ତାରିଖ ଦିନ ତାଙ୍କ ମା'ଙ୍କର ଶ୍ରାଦ୍ଧ ଦିବସ ଥିଲା। ତେଣୁ ମା'ଙ୍କ ଫଟୋଚିତ୍ରରେ ଫୁଲମାଳ ପକାଇବା ସହିତ ଶ୍ରାଦ୍ଧ ଦେବା ସମୟରେ ବିଭୂତି ଭୂଷଣ ବେକରୁ ସୁନାଚେନ୍‌ଟି କାଢି ତଳେ ଥୋଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବେକରୁ କାଢିଥିବା ସୁନାଚେନ୍‌ଟି କଥା ସେ ଭୁଲି ଯାଇଥିଲେ। ପରଦିନ ଫୁଲମାଳ ସହ ଶ୍ରାଦ୍ଧରେ ବ୍ୟବହୃତ ହୋଇଥିବା ସମସ୍ତ ସାମଗ୍ରୀ ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ତା' ପରଦିନ ଅର୍ଥାତ୍ ୨୦ ତାରିଖ ସକାଳେ ବିଭୂତି ନିଜ ଘର ଡଷ୍ଟବିନ୍‌ରେ ରଖିଥିବା ସମସ୍ତ ଅଳିଆ ଆବର୍ଜନାକୁ ବିଏମ୍‌ସି ସଫେଇ ଗାଡ଼ି କର୍ମଚାରୀଙ୍କୁ ଦେଇ ଦେଇଥିଲେ। ସେହିଦିନ ମଧ୍ୟାହ୍ନରେ ବିଭୂତିଙ୍କ ସୁନାଚେନ୍ କଥା ମନେ ପଡ଼ିବାରୁ ଘରେ ଖୋଜାଖୋଜି କରିଥିଲେ। ବିଭୂତିଙ୍କର ଠିକ୍ ମନେ ଥିଲା ଯେ, ମା'ଙ୍କ ଶ୍ରାଦ୍ଧ ଦିବସରେ ସୁନାଚେନ୍‌ଟି କାଢି ଫଟୋ ପାଖରେ ରଖିଥିଲେ। ସେଠାରୁ ଅଳିଆ ସାମଗ୍ରୀ ଯେଉଁ ଡଷ୍ଟବିନରେ ପକାଯାଇଛି, ସେହି ଡଷ୍ଟବିନରେ ନିଶ୍ଚିତ ଭାବେ ସୁନା ଚେନ୍‌ଟି ଚାଲିଯାଇଛି। ଏ ନେଇ ବିଭୂତି ବିଏମ୍‌ସି କମିଶନରଙ୍କ ସହିତ ଯୋଗାଯୋଗ କରିବାରୁ ପୂଜା ସିଂ ନାମକ ସ୍ୱଚ୍ଛ ସାଥୀ ସୁନାଚେନ ପାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବିଭୂତି ନିଜର ପରିଚୟ ସହିତ ପ୍ରମାଣପତ୍ର ଦେଖାଇ ବିଏମ୍‌ସି କାର୍ଯ୍ୟାଳୟରୁ ସୁନାଚେନକୁ ଗ୍ରହଣ କରିଥିଲେ ଏବଂ ବିଭୂତିଙ୍କ ସହିତ ସାରା ପରିବାର ପୂଜା ସିଂଙ୍କ ମହାନତା ପାଇଁ ସାଧୁବାଦ ଜଣାଇଥିଲେ।

ସେହିପରି ଆଉ ଏକ ଘଟଣା ହେଲା, ତୁଳା ବେହେରା ନାମକ ଜଣେ ୭୦ ବର୍ଷର ବୃଦ୍ଧା ଯିଏକି ଫୁଲବାଣୀ ଜଗନ୍ନାଥ ମନ୍ଦିର ପରିସରରେ ଭିକ୍ଷାବୃତ୍ତି କରି ଜୀବନ ବିତାଇ ଆସୁଥିଲେ। ଯେଉଁ ମନ୍ଦିର ଦୁଆରେ ବସି ଭିକ୍ଷାବୃତ୍ତି କରୁଥିଲେ, ସେହି ମନ୍ଦିରର ବିକାଶ ନିମନ୍ତେ ଜୀବନ ସାରା ସଞ୍ଚିତ କରିଥିବା ଅର୍ଥ ୧ ଲକ୍ଷ ୧୦ ହଜାର ଟଙ୍କା ଦାନ କରିଛନ୍ତି ଏହି ସ୍ୱାମୀ ପରିତ୍ୟକ୍ତା ବୃଦ୍ଧା। ନିଜ ଘରର ପରିଚୟ ଜାଣିନଥିବା ତୁଳା ବେହେରା ଫୁଲବାଣୀ ଜିଲ୍ଲା ଦୁବଗଡ଼ର ପ୍ରଫୁଲ୍ଲ ବେହେରା ନାମକ ଜଣେ ଭିନ୍ନକ୍ଷମକୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀ ଉଭୟେ ସାହିକୁ ସାହି ବୁଲି ଭିକ୍ଷାବୃତ୍ତି କରୁଥିଲେ। ପିଲାଛୁଆ ନଥିବା ତୁଳାଙ୍କ ସ୍ୱାମୀ ୨୦ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସ୍ୱାମୀକୁ ହରାଇବା ପରେ ତୁଳା ଏକୁଟିଆ ବଞ୍ଚିବାକୁ ସଂଗ୍ରାମ ଆରମ୍ଭ କରିଥିଲେ। ଏହାପରେ ସେ ସାହିକୁ ସାହି ଭିକ୍ଷାବୃତ୍ତି କରିବାକୁ ନ ଯାଇ ଫୁଲବାଣୀ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିଲେ ଓ ମନ୍ଦିର ପାଖରେ ଏକ କୁଡ଼ିଆ କରି ରହୁଥିଲେ। ଭିକ୍ଷାବୃତ୍ତିରୁ ଯାହା ମିଳୁଥିଲା ତାକୁ ସେ ଜଗନ୍ନାଥ ମନ୍ଦିର ନିକଟରେ ଥିବା ଆଉ ଏକ ପୁରାତନ ମନ୍ଦିରର ବିକାଶ ପାଇଁ ଦାନ କରିବେ ବୋଲି ପରିଣତ ବୟସରେ ତୁଳା ବହୁବାର ମନ୍ଦିରର ପୂଜକଙ୍କୁ କହିଥିଲେ। ଦୀର୍ଘ ୧୦ ବର୍ଷ ଧରି ସେ ଭିକ୍ଷାବୃତ୍ତିରୁ ଯାହା ପାଉଥିଲେ, ତାକୁ ସେ ମନ୍ଦିରର ପୂଜକଙ୍କୁ ଦେଉଥିଲେ। ପୂଜକ ମଧ୍ୟ ଡ଼ାକଘରେ ତୁଳାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲିଥିଲେ। ଇତିମଧ୍ୟରେ ତୁଳାଙ୍କ ସଞ୍ଚୟ ଖାତାରେ ୧ ଲକ୍ଷ ୧୦ ହଜାର ଟଙ୍କା ଜମା ରହିଥିଲା। ତୁଳା ସମସ୍ତ ଜମା ଟଙ୍କା ମନ୍ଦିରର ବିକାଶ ପାଇ ଦାନ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୀବନର ଶେଷ ପର୍ଯ୍ୟନ୍ତ ଭିକ୍ଷାବୃତ୍ତି କରି ଯାହା ପାଇବେ, ତାକୁ ସେ ମନ୍ଦିରକୁ ଦାନ କରିବେ ବୋଲି ତୁଳା କହିଛନ୍ତି। ଯେଉଁଠି ବଡ଼ ବଡ଼ ଅଫିସର, ଡ଼ାକ୍ତର, ଯନ୍ତ୍ରୀ, ପିଅନ, ରପରାଶି ମନ୍ଦିରକୁ ଦାନ କରିବା ବଦଳରେ ଲାଞ୍ଚ ନେଇ କୋଟି କୋଟି ଟଙ୍କା ଠୁଳ କରୁଛନ୍ତି, ସେଠି ତୁଳା ବେହେରା ପରିଣତ ବୟସରେ ଭିକ୍ଷାବୃତ୍ତି କରି ମନ୍ଦିରକୁ ଦାନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି।

ଗତ କିଛିଦିନ ତଳେ କଟକର ୬୩ ବର୍ଷ ବୟସ୍କା ମହିଳା ମିନତୀ ପଟ୍ଟନାୟକ ନିଜର ୧ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଜଣେ ବୁଢା ସାମଲ ନାମକ ଜଣେ ରିକ୍ସାବାଲାଙ୍କୁ ଦାନ କରିବା ଘଟଣା ସେତେବେଳେ ବିଭିନ୍ନ ଗଣମାଧ୍ୟମର ମୁଖ୍ୟ ଶିରୋନାମା ପାଲଟିଥିଲା। ମିନତୀ ପଟ୍ଟନାୟକ ଦୀର୍ଘ ବର୍ଷ ଧରି କଟକରେ ନିଜର ପରିବାର ସହିତ ରହି ଆସୁଥିଲେ। ହେଲେ ବିଧିର ବିଧାନ ଥିଲା ବଡ଼ ବିଚିତ୍ର। ହଠାତ୍ ମିନତୀଙ୍କ ସ୍ୱାମୀ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ। ପରେ ପରେ ମିନତୀଙ୍କ ଝିଅ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ଏଥିରେ ବିଚଳିତ ନହୋଇ ମିନତୀ ଧୈର୍ଯ୍ୟର ସହିତ ଜୀବନ ଜୀଇଁ ଚାଲିଥିଲେ ଏବଂ ବୁଢା ସାମଲ ମିନତୀଙ୍କୁ ସମସ୍ତ ସେବା ଶୁଶ୍ରୁଷା ଯୋଗାଇ ଆସୁଥିଲେ। ଦୀର୍ଘବର୍ଷ ଧରି ସେବା ଶୁଶ୍ରୁଷା ଯୋଗାଇବା ପରେ ମିନତୀ ନିଜର ୧କୋଟି ଟଙ୍କାର ଘର, ସୁନା ଗହଣା ଓ ସମସ୍ତ ଆସବାବ ପତ୍ର ବୁଢା ସାମଲଙ୍କ ପରିବାରକୁ ଦାନ କରିଦେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିଲେ। ମିନତୀଙ୍କ ଏହି ମହାନତା ବିଷୟରେ ଖବର ପ୍ରକାଶ ପରେ ସାରା ଓଡ଼ିଶାରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଥିଲା।

୨୦୨୨ ମସିହା ଜୁଲାଇ ମାସ ୧୨ ତାରିଖ ସନ୍ଧ୍ୟାରେ ଜଣେ ଅଟୋଚାଳକ ଦୁଇଜଣ ଦମ୍ପତିକୁ ରେଳ ଷ୍ଟେସନରେ ଛାଡ଼ିଲା ପରେ ଭୁଲବଶତଃ ସେମାନଙ୍କ ଆଟାଚଟି ଅଟୋରେ ଛାଡ଼ିଦେଇ ଯାଇଥିଲେ। ଏହାପରେ ଅଟୋଚାଳକ ଜଣକ ଭଡ଼ା ବାବଦ ପ୍ରାପ୍ୟ ପାଇଲା ପରେ ମାଷ୍ଟର କ୍ୟାଣ୍ଟିନ ଫେରି ଚା ପିଉଥିବା ସମୟରେ ତାଙ୍କର ନଜର ପଡ଼ିଥିଲା ଅଟୋରେ ଥିବା ଆଟାଚ ଉପରେ। ଅଟୋଚାଳକ ଜଣକ ଜାଣିପାରିଥିଲେ ଯେ, ସେହି ଦମ୍ପତି ଭୁଲ୍‌ରେ ଆଟାଚଟି ଛାଡ଼ିଦେଇଛନ୍ତି। ସଙ୍ଗେ ସଙ୍ଗେ ଅଟୋଚାଳକ ଜଣକ ରେଲୱେ ଷ୍ଟେସନରେ ପହଞ୍ଚି ଦମ୍ପତି ଦୁଇଜଣଙ୍କୁ ଭେଟି ତାଙ୍କ ଆଟାଚଟି ଫେରାଇଥିଲେ। ଆଟାଚରେ ନଗଦ ୫ ଲକ୍ଷ ଟଙ୍କା ଥିଲା ଏବଂ ଆଟାଚ ଫେରିପାଇବା ପରେ ଦମ୍ପତି ଦ୍ୱୟ ଅଟୋଚାଳକଙ୍କୁ ସାଧୁବାଦ ଜଣାଇଥିଲେ। ଅଟୋଚାଳକଙ୍କ ବଦାନ୍ୟତା ଯୋଗୁ ଦମ୍ପତିଦ୍ୱୟ ତାଙ୍କ ଟଙ୍କା ଫେରି ପାଇଥିଲେ।

ସାମ୍ପ୍ରତିକ ସମୟରେ ରାସ୍ତାଘାଟ, ଦୋକାନବଜାର, ଜନଗହଳିପୂର୍ଣ୍ଣ ସ୍ଥାନରୁ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ଲୋକଙ୍କ ଠାରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଉଛନ୍ତି। ଜମି ଓ ଘରଡ଼ିହ ପାଇଁ ଭାଇ ଭାଇ ଭିତରେ ବିବାଦ ଉଗ୍ରରୂପ ନେଉଛି, ଟଙ୍କା ପାଇଁ ପରିବାର ଭିତରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଥିବା ବେଳେ, ସ୍ୱଚ୍ଛ ସାଥୀ ପୂଜା ସିଂ, ତୁଳା ବେହେରା, ମୀନତୀ ପଟ୍ଟନାୟକ ଏବଂ ଅଟୋଚାଳକଙ୍କ ବଦାନ୍ୟତା, ମାନବିକତା ଓ ମହାନତା ସତରେ ସ୍ୱାଗତଯୋଗ୍ୟ। ଏହି ତିନିଜଣ ମହିୟସୀ ମହିଳାଙ୍କ ତ୍ୟାଗ ଓ ଆଦର୍ଶକୁ ଆଜିର ଯୁବ ସମାଜ ଅନୁସରଣ କରିବା ଉଚିତ୍।

*କ୍ରି, ବାହାରଣା, ବାଲିକୁଦା, ଜଗତସିଂହପୁର*
*ମୋ : ୮୩୨୮୮୪୦୨୧୪*




# ଶରୀର ଓ ଆତ୍ମାର ଆତ୍ମିକ ସମ୍ପର୍କରେ ଏକ ତାତ୍ତ୍ୱିକ ବିଶ୍ଳେଷଣ



ପ୍ରଦୀପ୍ତ କୁମାର ଜେନା

। ଆମର ଶାସ୍ତ୍ର ମତରେ ଜୀବର ଶରୀରକୁ ତିନି ଭାଗରେ ବିଭକ୍ତ କରାଯାଇଛି ଯଥା ସ୍ଥୁଳ ଶରୀର (gross body), ସୂକ୍ଷ୍ମ ଶରୀର (subtle body) ଓ କାରଣ ଶରୀର (causal body) । ପ୍ରତ୍ୟେକ ଜୀବ ଗୋଟିଏ ଲେଖାଏଁ ଶରୀର ଧାରଣ କରିଥା'ନ୍ତି । ସେହି ଶରୀର ସାହାଯ୍ୟରେ ସେମାନେ ଚଳପ୍ରଚଳ ହୁଅନ୍ତି ଓ ନିଜ ନିଜର କର୍ମ ସମ୍ପାଦନ କରନ୍ତି । ଜୀବର ଏହି ଶରୀରକୁ ସ୍ଥୁଳ ଶରୀର ବୋଲି ଅଭିହିତ କରାଯାଏ । ଏହା ପଞ୍ଚ ମହାଭୂତ ଯଥା– କ୍ଷିତ୍, ଆପ୍, ତେଜ୍, ମରୁତ୍ ଓ ବ୍ୟମରେ ଗଠିତ । ସରଳ ଭାଷାରେ କହିଲେ ମାଟି, ପାଣି, ପବନ, ଉତ୍ତାପ ଓ ଆକାଶ ତତ୍ତ୍ୱ ଦ୍ୱାର ଗଠିତ । ଆତ୍ମା ପ୍ରତ୍ୟେକ ଜୀବର ପରିଚୟ । ପିଲାଟିଏ ଜନ୍ମ ହେବାର ୨୧ଦିନ ପରେ ତା'ର ନାମକରଣ କରାଯାଇଥାଏ । ତାହେଲେ ତା'ର ପୂର୍ବରୁ ତା'ର ପରିଚୟ କ'ଣ ? ଶରୀର ଏକ ଜଡ଼ ବସ୍ତୁ । ଆତ୍ମା ଯେପର୍ଯ୍ୟନ୍ତ ଶରୀର ଭିତରେ ଅଛି ସେପର୍ଯ୍ୟନ୍ତ ଶରୀର ଗତିଶୀଳ ହୋଇଥାଏ । ଆତ୍ମା ଶରୀରକୁ ତ୍ୟାଗ କଲେ ଶରୀରଟି ପଚି ନଷ୍ଟ ହୋଇଯାଏ । ଶାସ୍ତ୍ର କହନ୍ତି– ଜୀବର ଶରୀର ପାଞ୍ଚଗୋଟି କୋଷରେ ଗଠିତ । ସେଗୁଡିକ ହେଲା ଅର୍ଣ୍ଣମୟ କୋଷ (food sheath), ପ୍ରଣାମୟ କୋଷ (vital air sheath), ମନୋମୟ କୋଷ (mental sheath), ବିଜ୍ଞାନମୟ କୋଷ (intellect sheath) ଓ ଆନନ୍ଦମୟ କୋଷ (bliss sheath) । ସ୍ଥୁଳ ଶରୀର ବା gross bodyକୁ ଅର୍ଣ୍ଣମୟ କୋଷ କୁହାଯାଏ । ସୂକ୍ଷ୍ମ ଶରୀର ବା subtle bodyକୁ ପ୍ରଣାମୟ, ମନୋମାୟ ଓ ବିଜ୍ଞାନମୟ କୋଷ ବୋଲି ଅଭିହିତ କରାଯାଏ । କାରଣ ଶରୀର ବା ମବଙ୍କଶ୍ୱବକ୍ଷ ଭକ୍ଟୟଙ୍କୁ ଆନନ୍ଦମୟ କୋଷ ବୋଲି କୁହାଯାଏ । ଆମ ଶରୀର ଉପର ଭାଗକୁ ସ୍ଥୁଳ ଶରୀର ବା ଅର୍ଣ୍ଣମୟ କୋଷ କୁହାଯାଏ । ଏହାର physical existance ରହିଛି । ଏହା ରକ୍ତ, ମାଂସ ଓ ହାଡରେ ଗଠିତ । ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରକ୍ତ, ମାଂସ ଓ ହାଡର ସୃଷ୍ଟି ହୋଇ ଥାଏ । ସୂକ୍ଷ୍ମ ଶରୀର ଓ କାରଣ ଶରୀରର କ୍ଷ୍ମଷଙ୍ଗ୍ୱସମବକ୍ଷ ରଙ୍ଗସଶ୍ୱଶ୍ୱବଭମର ନାହିଁ । ତାକୁ କେହି ଦେଖିପାରିବେ ନାହିଁ, କେବଳ ଅନୁଭବର କଥା । ଦଶ ଇନ୍ଦ୍ରୀୟ ପଞ୍ଚ ପ୍ରାଣ ମନ ଓ ବୁଦ୍ଧି ଏହି ସତରଟିକୁ ସୂକ୍ଷ୍ମ ଶରୀର ବା ଶ୍ୱଙ୍କଭଶ୍ୱକ୍ଷର ଭକ୍ଟୟଙ୍କ କହନ୍ତି । ପ୍ରାଣ, ଆପନ, ବ୍ୟାନ, ଉଦାନ ସମାନକୁ ପଞ୍ଚବାୟୁ କୁହାଯାଏ । ଆମ ଶରୀରରେ ପଞ୍ଚ ଉପପ୍ରଣ ଯଥା ନାଗ, କୁର୍ମ, କ୍ରିକାର, ଦେବଦତ୍ତ ଓ ଧନଞ୍ଜୟ ମଧ୍ୟ ରହି ନିଜ ନିଜର କର୍ମ ସମ୍ପାଦନ କରିଥା'ନ୍ତି । ଆମ୍ଭେ ଯେଉଁ ନିଶ୍ୱାସ ଓ ପ୍ରଶ୍ୱାସ ନେଇଥାଉ ତାହାକୁ ପ୍ରାଣବାୟୁ କୁହାଯାଏ । ପ୍ରଶ୍ୱାସ ଓ ନିଶ୍ୱାସ ବନ୍ଦ ହେଇଗଲେ ମଣିଷଟି ମରିଯାଏ । କୁହାଯାଏ ପ୍ରାଣବାୟୁ ଉଡ଼ିଗଲା । ପ୍ରାଣବାୟୁ ହୃଦୟରେ ଅବସ୍ଥାନ କରେ । ପ୍ରାଣ ବାୟୁ ଦୁର୍ବଳ ହେଲେ ଆମକୁ ବାତ, ପିତ ଓ କଫ ଜନିତ ରୋଗ ଆକ୍ରମଣ କରିଥାଏ । ପ୍ରାଣବାୟୁ ଅପନାବାୟୁ ସହିତ ଯୁକ୍ତ ହେଲେ ଆମର ଖାଦ୍ୟ ହଜମ ହୁଏ । ଭଗବାନ ଭଗବତ ଗୀତାର ପୁରୁଷୋତ୍ତମ ଯୋଗର ୧୪ ନମ୍ବର ଶ୍ଳୋକରେ କହିଛନ୍ତି–ମୁଁ ହେଉଛି ପାଚକ ଅଗ୍ନୀ ଏବଂ ମୁଁ ହେଉଛି ପ୍ରାଣ ବାୟୁ ଏବଂ ଅପାନ ବାୟୁ । ଏହାପରେ ଧପାନ ବାୟୁ ଖାଦ୍ୟକୁ ଦୁଇ ଭାଗ କରି ବର୍ଜ୍ୟ ବସ୍ତୁକୁ ବାହାରକୁ ବାହାର କରିବାରେ ସହାୟକ ହୁଏ । ସମାନ ବାୟୁ ଖାଦ୍ୟସାର ଓ ରକ୍ତକୁ ଶରୀରର ସମସ୍ତ ଅଙ୍ଗକୁ ସମାନ ଭାବରେ ବାଣ୍ଟି ଦେଇଥାଏ । ଉଦାନ ବାୟୁ ଦୁଇ ହାତ ଗୋଡ ଓ ବ୍ରେନ୍‌କୁ କାର୍ଯ୍ୟକ୍ଷମ କରାଏ । ବ୍ୟାନ ବାୟୁ ସମସ୍ତ ଶରୀରକୁ ସୁରକ୍ଷା ଦେଇଥାଏ । ଠିକ ସେଇଭଳି ପଞ୍ଚ ଉପପ୍ରଣ ଶରୀର ଭିତରେ ରହି ନିଜ ନିଜ କାର୍ଯ୍ୟ କରିଥା'ନ୍ତି । ଆମ୍ଭେ ଯେତେବେଳେ ଖାଦ୍ୟ ଆବଶ୍ୟକତାଠାରୁ ଅଧିକ ଖାଇଦେଇଥାଉ ଆମର ହାକୁଟି ଆସେ ଓ ଶରୀର ଆଉ ଖାଦ୍ୟ ଗ୍ରହଣ କରିପାରିବ ନାହିଁ ବୋଲି ସୂଚାଇ ଦିଏ । ଏପରିକି ବାନ୍ତି ମଧ୍ୟ କରାଇଦିଏ । ଏହା ନାଗ ବାୟୁ ଦ୍ୱାରା ସମ୍ଭବ ହୋଇ ଥାଏ । କୂର୍ମ ବାୟୁ ଅପାନ ବାୟୁକୁ ସାହାଯ୍ୟ କରିଥାଏ । ଆମେ କୂର୍ମ ବାୟୁ ସାହାଯ୍ୟରେ ଆଖି ମିଟି ମିଟି କରିଥାଉ । କ୍ରିକାର ବାୟୁ ଶ୍ୱାସ ନଳୀକୁ ସଫା ରଖିବାରେ ସାହାଯ୍ୟ କରେ ଓ ଶୋଷ ଏବଂ ଭୋକ କରାଏ । ଦେବଦତ୍ତ ବାୟୁ ହାଇ ମାଧ୍ୟମରେ ଶରୀରରୁ ଅମ୍ଳଜାନ କମିଗଲେ ଜଣାଇଦିଏ । ଯାହାଫଳରେ ଜୀବ ବିଶ୍ରାମ ନେଇଥାଏ । ଧନଞ୍ଜୟ ବାୟୁ ବ୍ୟାନ ବାୟୁକୁ ସହାୟତା ଯୋଗାଏ । ଶରୀରର କୌଣସି ଏକ ସ୍ଥାନରେ ଘା' ହୋଇ ନଶୁଖିବା ଓ ସେ ସ୍ଥାନ ପଚିଯିବା ପାଇଁ ଧନଞ୍ଜୟ ବାୟୁ ଶରୀରରେ ଦୁର୍ବଳ ବୋଲି ସୂଚନା ଦେଇଥାଏ । ପ୍ରଣାମୟ କୋଷ ଅର୍ଣ୍ଣମୟ କୋଷକୁ ନିୟନ୍ତ୍ରଣ କରିଥାଏ । ପ୍ରଣାମୟ କୋଷ ଯଦି ଠିକ ଭାବରେ କାର୍ଯ୍ୟକ୍ଷମ ନହୁଏ ତା'ର ପ୍ରଭାବ ଅର୍ଣ୍ଣମୟ କୋଷ ଉପରେ ପଡିଥାଏ । ମନ ଓ ଜ୍ଞାନ ଏହି ଦୁଇଟିକୁ ବିଜ୍ଞାନମୟ କୋଷ କୁହାଯାଏ । ଯେତେବେଳେ କୌଣସି ଶ୍ୱଷକ୍ଟମଳସଭଶ ଭରଙ୍ଗଶ୍ୱ ପାଇଁ ମନ ବିବ୍ରତ ହୋଇଥାଏ, ସେତେବେଳେ ଅର୍ଣ୍ଣମୟ ଓ ପ୍ରାଣ ମୟ କୋଷ ଉପରେ ତା'ର ପ୍ରଭାବ ପଡିଥାଏ । ସେତିକିବେଳେ ବିଜ୍ଞାନମୟ କୋଷ ଏହି ଉପରୋକ୍ତ ଦୁଇଟି କୋଷକୁ ନିୟନ୍ତ୍ରଣ କରିଥାଏ । ଆତ୍ମା ଅମର, ତାର ମୃତ୍ୟୁ ନାହିଁ କି ଜନ୍ମ ନାହିଁ । ସେ ଭଗବାନଙ୍କ ଅଂଶ ବିଶେଷ । ଭାଗବତ ଗୀତ ୧୮ ଅଧ୍ୟାୟରେ କୁହାଯାଇଛି– "ମମୈ ବାଂଶେ ଜୀବଲୋକେ ଯିବ ଭୁତ ସନାତନ" ଯେତେବେଳେ ଯୁଗ ପ୍ରଳୟ ହୁଏ ସମସ୍ତ ଜୀବଜଗତ ଭଗବାନଙ୍କ ଦେହରେ ମିଶିଯାନ୍ତି ଓ ପୁନର୍ବାର ଯେତେବେଳେ ସୃଷ୍ଟି ସର୍ଜନା ଆରମ୍ଭ ହୁଏ ଭଗବାନ ଜୀବ ଜଗତକୁ ସୃଷ୍ଟି କରନ୍ତି । ଆମର ଶାସ୍ତ୍ର କହନ୍ତି ଆତ୍ମା କେବଳ ଶରୀର ପରିତ୍ୟାଗ କରି ଅନ୍ୟ ଏକ ଘଟରେ ଆଶ୍ରୟ ନିଏ । ନିଜର କର୍ମ ଅନୁଯାୟୀ ଆତ୍ମାକୁ ଘଟ ପ୍ରାପ୍ତ ହୁଏ । ଭଗବତ୍ ଗୀତା କୁହନ୍ତି ଯେ ଜୀବ ତା'ର ଭଲ କର୍ମ ପାଇଁ ମଣିଷ ଜନ୍ମ ପାଏ ଓ ନିଛ କର୍ମ ପାଇଁ ପଶୁ ପକ୍ଷୀ ଯୋନି ପ୍ରାପ୍ତ ହୁଏ । କୁହାଯାଏ ଜୀବ ୮୪ ଲକ୍ଷ ଯୋନିରେ ଘୁରିବା ପରେ ମଣିଷ ଜନ୍ମ ପାଇଥାଏ । ମଣିଷ ଜନ୍ମ ଏକ ଦୁର୍ଲଭ ଜନ୍ମ । ଭଗବାନ ମଣିଷକୁ ଦିବ୍ୟଜ୍ଞାନ ପ୍ରଦାନ କରିଛନ୍ତି । ମଣିଷ ତା'ର କର୍ମ ବଳରେ ସ୍ୱର୍ଗରେ ଦେବତା ଆସନ ପାଇଥାଏ । ଭାଗବତରେ ଉଲ୍ଲେଖ ଅଛି "ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ, ଦେଖି ସନ୍ତୋଷ ଭଗବାନ ।" ଆମ୍ଭେ କେତେ ଲକ୍ଷ ଜନ୍ମ ନେଇସାରିଲେଣି ତା'ର ହିସାବ ଆମ ପାଖରେ ନାହିଁ । ପୂର୍ବ ଜନ୍ମରେ ଆମେ କୋଉଠି ଜନ୍ମ ହେଇଥିଲେ, କ'ଣ କରୁଥିଲେ ଆମର ମନେ ନାହିଁ । ଭଗବଦ୍ ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି– "ହେ ପ୍ରାର୍ଥ ! ତୁମର ମୋର କେତେ ଜନ୍ମ ଗଲାଣି ସେ କଥା ତୁମର ମନେ ନାହିଁ । ମୁଁ ଭଗବାନ ହୋଇଥିବାରୁ ସେ ସବୁ କଥା ମୁଁ ଜଣେ ।" କହିବା କଥା ଆତ୍ମା ମରେ ନାହିଁ । ଭଗବଦ୍ ଗୀତାରେ କୁହାଯାଇଛି "ନୈନଂ ଛିନ୍ଦନ୍ତି ଶାସ୍ତ୍ରାଣି ନୈନଂ ଦହତି ପାବକଃ, ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ" । ଆତ୍ମା ଅସ୍ତ୍ର ଦ୍ୱାରା ଛେଦନ ହୋଇପାରିବ ନାହିଁ । ଜଳ ଆତ୍ମାକୁ ବୁଡେଇପାରିବ ନାହିଁ କି ଅଗ୍ନି ତାକୁ ପୋଡି ପାରିବ ନାହିଁ । ଆତ୍ମା ପ୍ରତ୍ୟେକ ଶରୀର ଭିତରେ ବିଦ୍ୟାବନ । ଅର୍ଜୁନଙ୍କ ପ୍ରଶ୍ନରେ ଭଗବାନ ଉତ୍ତର ଦେଇ କହିଛନ୍ତି ଆତ୍ମା ହୃଦୟରେ ଅବସ୍ଥିତ । ଭଗବଦ୍ ଗୀତାରେ କୁହାଯାଇଛି, ଶରୀର ହେଉଛି ଏକ କ୍ଷେତ୍ର ଓ ସେହି କ୍ଷେତ୍ର ବିଷୟରେ ଯେ ଜାଣିଛି ସେ କ୍ଷେତ୍ରଜ୍ଞ ସ୍ୱୟଂ ଭଗବାନ । ତାଙ୍କର ନିର୍ଦ୍ଦେଶରେ ଶରୀର ପରିଚାଳିତ ହୁଏ । ଆତ୍ମା ଯେତେବେଳେ ଘଟ ପରିବର୍ତ୍ତନ କରେ ଶରୀରଟି ଅଚଳ ବା ଜଡ଼ରେ ପରିଣତ ହୋଇଯାଏ ଓ କିଛି ସମୟ ପରେ ତାହା ନଷ୍ଟ ହେବାକୁ ବସେ । ସ୍ଥୁଳ ଶରୀରଟି କ୍ଷୟଶୀଳ ହେଲେ ଆତ୍ମାର କ୍ଷୟ ନାହିଁ । ଅପରା ପ୍ରକୃତିକୁ ଜଡ ପ୍ରକୃତି କହନ୍ତି । ସ୍ଥୁଳ ଶରୀର ହିଁ ଅପରା ପ୍ରକୃତି । ଆତ୍ମାକୁ ପରାପ୍ରକୃତି କହନ୍ତି । ଆତ୍ମାକୁ କାରଣ ଶରୀର ବୋଲି ମଧ୍ୟ ଅବିହିତ କରାଯାଏ । ଆତ୍ମା ଅତି ସୂକ୍ଷ୍ମ ରୂପରେ ଜୀବ ଭିତରେ ରହିଥିବାରୁ ଜୀବ ତା'ର କର୍ମ ସମ୍ପାଦନ କରେ । ଆତ୍ମା ନଥିଲେ ଶରୀର ଏକ ଜଡରେ ପରିଣତ ହୋଇଥାଏ । ଆମର ଶାସ୍ତ୍ର କୁହନ୍ତି ପ୍ରତ୍ୟେକ ଜୀବର ଶରୀରରେ ଆତ୍ମା ଓ ପରମାତ୍ମା ଉଭୟ ଅବସ୍ଥାନ କରନ୍ତି । ଭାଗବତରେ ଉଲ୍ଲେଖ ଅଛି 'ଏକଇ ବୃକ୍ଷେ ପକ୍ଷୀ ଦୁଇ, ବସନ୍ତି ପ୍ରିୟ ଭାବ ବହି । ଏକଟି ଭୁଞ୍ଜଇ ଭୁଞ୍ଜାଇ ଅନ୍ୟଟି ସାକ୍ଷୀ ରୂପେ ଥାଇ ।' ଏହାର ଅର୍ଥ ଆତ୍ମା ଓ ପରମାତ୍ମା ଯିବର ଶରୀରରେ ରହିଥା'ନ୍ତି । ଗୋଟିଏ ପକ୍ଷୀ ଖାଉଛି ଓ ଖୁଆଉଛି ଅର୍ଥାତ ଆତ୍ମା ଭଲ ମନ୍ଦ, ପାପ ପୁର୍ଣ୍ୟ କରୁଛି, ପରମାତ୍ମା ସବୁ ଦେଖୁଛି । ଆତ୍ମା ମନ ଓ ଇନ୍ଦ୍ରୀୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପାପ ଓ ପୁର୍ଣ୍ୟରେ ଭାଗିଦାର ହୋଇଥାଏ । କିନ୍ତୁ ପରମାତ୍ମା ଯାହାକୁ ଶ୍ୱଙ୍କକ୍ଟରକ୍ସ ଶ୍ୱକ୍ଟଙ୍କକ୍ଷ ବୋଲି କୁହାଯାଏ ସେ କେବଳ ଦର୍ଶକ । କୌଣସି ପାପ ପୁର୍ଣ୍ୟରେ ସେ ଭାଗିଦାର ନୁହନ୍ତି । ଆତ୍ମା ଯଦି ନିଜ ଭିତରେ ଥିବା ପରମାତ୍ମାଙ୍କ ସହିତ ମିଶିଯାଏ ତାହେଲେ ତା'ର ଅଉ ପୁର୍ନଃଜନ୍ମ ହୁଏ ନାହିଁ । ଜୀବତ୍ମା ମୋକ୍ଷ ପ୍ରାପ୍ତି ହୁଏ । ଆତ୍ମା ଏକ ରଭରକ୍ସଶଙ୍କ । ଇଲେକ୍ଟ୍ରିସିଟି ଯେଭଳି ଦୃଶ୍ୟମାନ ନୁହେଁ ଓ ଏହା ଯେତେବେଳେ ବଲ୍ ସଂଯୋଗରେ ଆସୁଛି ଆଲୁଅ ଜଳୁଛି । ଠିକ ଆତ୍ମା ଏକ ରଭରକ୍ସଶଙ୍କ । ତାହା ପରମାତ୍ମାଙ୍କ ପାଖରୁ ସମସ୍ତ ଜୀବମାନଙ୍କ ପାଖକୁ ଆସିଛି । ସେହି ରଭରକ୍ସଶଙ୍କ ଥିବାରୁ ଶରୀର ଗତିଶୀଳ ବା କାର୍ଯ୍ୟକ୍ଷମ ହେଉଛି । ଶରୀର ନଷ୍ଟ ହୋଇଗଲେ ବା ରୋଗଗ୍ରସ୍ତ ହୋଇଗଲେ ରଭରକ୍ସଶଙ୍କ ବା ତରଙ୍ଗ ଯାହାକି ପରମାତ୍ମାଙ୍କ ଠାରୁ ଆସିଥାଏ ସ୍ୱତ କଟିଯାଇଥାଏ । ଇଲେକ୍ଟ୍ରି କ୍ଷେସନରେ ଯେତେବେଳେ ଶ୍ୱଙ୍ଗସଶ୍ୱମକ୍ଷ କ୍ଟଲଲ ହେଉଛି ସବୁ ଘରୁ ସଂଯୋଗ କଟିଯାଉଛି । ଠିକ ସେଇଭଳି ଜୀବର ଶରୀରରୁ ରଭରକ୍ସଶଙ୍କ କଟିଯାଉଛି ଯେତେବେଳେ ତା'ର ମୃତ୍ୟୁ ହେଉଛି । ଏବେ ଆସନ୍ତୁ ଆଲୋଚନା କରିବା ଯାତନା ଶରୀର ସମ୍ପର୍କରେ । ଜୀବର ଦେହାନ୍ତ ହେବାପରେ ଆତ୍ମା ଯମଲୋକକୁ ଯାଏ । ସେଠାରେ ତା'ର ପାପ ପୁର୍ଣ୍ୟର ବିଚାର କରାଯାଏ । ପାପ ପାଇଁ ତାକୁ ଯମଦଣ୍ଡ ବା ନର୍କ ଭୋଗିବାକୁ ପଡିଥାଏ । ଜୀବର ତ ଶରୀର ନଥାଏ ତାହେଲେ ସେ କିଭଳି ଦଣ୍ଡ ଭୋଗ କରିବ ? ଯମଲୋକରେ ଯମରାଜ ତାଙ୍କୁ ଏଭଳି ଏକ ଶରୀର ଦିଅନ୍ତି ଯେଭଳି ସେ ଦଣ୍ଡର କଷ୍ଟକୁ ଅନୁଭବ କରିପାରିବ । ଏହି ପ୍ରକାର ଶରୀରକୁ ଯାତନା ଶରୀର ବୋଲି କୁହାଯାଏ । ଜୀବ ଦଣ୍ଡ ବା ନର୍କ ଯନ୍ତ୍ରଣା ଭୋଗିସାରିବା ପରେ ତା'ର କର୍ମ ଅନୁଯାୟୀ ସେ ଜନ୍ମ ପାଇଥାଏ ଓ ପୁଣି ଏହି ଜନ୍ମ ମୃତ୍ୟୁ ଚକ୍ରରେ ଘୁରିବୁଲେ, ଯେପର୍ଯ୍ୟନ୍ତ ସେ ଭଗବାନଙ୍କ ସହିତ ଏକାକାର ନା ହୋଇଛି । ଏହି ସତ୍ୟକୁ ମଣିଷ ଉପଲବ୍ଧି କରି ଭଗବାନଙ୍କ ସାନିଧ୍ୟ ଲାଭ କରିବା ପାଇଁ ପ୍ରୟାସ କରିବା ଉଚିତ ଓ ଭଗବାନଙ୍କ ପାଦ ପଦ୍ମରେ ନିଜକୁ ସମର୍ପଣ କରିଦେଲେ ଭଗବାନ ଯେ କରୁଣାନିଧି ସେ ସମସ୍ତ ତ୍ରିତାପରୁ ଯଥା ଅଧିଭାତିକ, ଅଧିଦୈବିକ, ଓ ଆଧାତ୍ମିକ ତାପରୁ ମଣିଷକୁ ଉଦ୍ଧାର କରିଦେବେ । ଭଗବତ ଗୀତାର ୧୮ ଅଧ୍ୟାୟର ୬୬ ନମ୍ବର ଶ୍ଳୋକରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।"

ଅବସରପ୍ରାପ୍ତ ପୋଲିସ୍ ଅଫିସର୍
ମୋ : ୮୨୪୯୨୮୧୫୬୭

## ଅବକାରୀ ବିଭାଗ ପକ୍ଷରୁ ୧ କ୍ୱିଂଟାଲ ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗକୁ ବଡ଼ ସଫଳତା । ରବିବାର ଭୋର୍ ସମୟରେ ମାଲକାନଗିରି ବାଲିମେଳା ମୁଖ୍ୟ ରାସ୍ତା ଏମଭି – ୩୫ ଗ୍ରାମ ନିକଟରେ ଏକ ଅଟୋ ରିକ୍ସାରେ ଗଞ୍ଜେଇ ଚୋରା ଚାଲାଣ ବେଳେ ୧ କ୍ୱିଂଟାଲ ଗଞ୍ଜେଇ ଜବତ ହୋଇଛି । ଏହି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି ।ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ସୁପରିଟେଣ୍ଡେଂଟ ବିମ୍ବାଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ଚଢଉ ଜୋରଦାର ଆରମ୍ଭ ହୋଇଛି । ଅବକାରୀ ମୋବାଇଲ ଟିମ୍ ପକ୍ଷରୁ ପାଟ୍ରୋଲିଂ ସମୟରେ ମାଲକାନଗିରି ବାଲିମେଳା ମୁଖ୍ୟ ରାସ୍ତା ଏମଭି – ୩୫ ଗ୍ରାମ ନିକଟରେ ଏକ ଅଟୋ ଦ୍ରୁତ ଗତିରେ ଆସୁଥିବା ଦେଖି ଅଟକାଇଥିଲେ । ଅଟୋଟିକୁ ଯାଂଚ୍ କରିବାରୁ ଏକ ସ୍ୱତନ୍ତ୍ର ଚାମ୍ବର ଭିତରେ ବିପୁଳ ପରିମାଣରେ ଗଞ୍ଜେଇ ରହିଥିବାର ଦେଖିଥିଲେ । ଚାମ୍ବର ଭିତରୁ ୧ କ୍ୱିଂଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି । ଘଟଣାରେ ଅବକାରୀ ବିଭାଗ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ମାଥିଲି ଥାନା ଅନ୍ତର୍ଗତ ସିନ୍ଧାବେଡ଼ା ଗ୍ରାମର ସମ୍ପଦ ପ୍ରେମା ବୋଲି ଜଣାପଡିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ।ଏହି ଚଢ଼ଉରେ ଅବକାରୀ ବିଭାଗ ଏ.ଏସ.ଆଇ. ଆଶିଷ କୁମାର ନାୟକଙ୍କ ସହିତ ଅକ୍ଷୟ ଜେନା, ଜ୍ଞାନରଞ୍ଜନ ସାହୁ, ପ୍ରଦିପ ଖରା, ପାଣ୍ଡବ ଟୁଡୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଜଳଛତ୍ର ନିମନ୍ତେ ହରିଚନ୍ଦନପୁର ପ୍ରେସ୍ କ୍ଲବର ବୈଠକ

ହରିଚନ୍ଦନପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ପ୍ରେସ କ୍ଲବର ପକ୍ଷରୁ ସ୍ଥାନୀୟ ହାଟ ପଡ଼ିଆରେ ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । କ୍ଲବର ସମ୍ପାଦକ ଶ୍ରୀନିବାସ ପାଇକରାୟଙ୍କ ଉପସ୍ଥିତିରେ ପ୍ରେସ କ୍ଲବର ଆଗାମୀ କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରେସ କ୍ଲବ ପକ୍ଷରୁ ବାଟୋଇଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଥିଲା । ହରିଚନ୍ଦନପୁର ହନୁମାନ ମନ୍ଦିର ପ୍ରାଙ୍ଗଣ, ମୁଖ୍ୟ ଛକର ଭଗାମୁଣ୍ଡା ବସଷ୍ଟାଣ୍ଡ, ଘଟଗାଁ ବସଷ୍ଟାଣ୍ଡ, ରେବଣା ପଳାଶପାଳ ବସଷ୍ଟାଣ୍ଡ ଓ ଜଘିରା ଛକ ନିକଟରେ ଜଳଛତ୍ର ବ୍ୟବସ୍ଥା କରାଯିବାକୁ ସ୍ଥିର କରାଯାଇଛି । ଏଥିସହ ପ୍ରତ୍ୟେକ ଦିନ ବିଭିନ୍ନ କାମରେ ଶହ ଶହ ଲୋକ ହରିଚନ୍ଦନପୁର ଆସିଥାନ୍ତି, କିନ୍ତୁ ମୁଖ୍ୟ ବଜାରରେ ପରିସ୍ରାଗାର ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ପ୍ରେସ କ୍ଲବ ପକ୍ଷରୁ ପରିସ୍ରାଗାର ନିର୍ମାଣ ନିମନ୍ତେ ପ୍ରଶାସନକୁ ଦାବିପତ୍ର ଦିଆଯିବାକୁ କ୍ଲବର ସଭାପତି ପ୍ରଶାନ୍ତ ନାୟକ କହିଛନ୍ତି । ହରିଚନ୍ଦନପୁର ବ୍ଲକ କେନ୍ଦୁଝର ଜିଲ୍ଲା ସହିତ ରହିଛି, ରହିବ ଯାହାକୁ ନେଇ ହରିଚନ୍ଦନପୁର ନାଗରିକ ସମନ୍ୱୟ ସମିତି ଦ୍ୱାରା କରାଯାଉଥିବା ଦାବିକୁ ପୂର୍ଣ୍ଣ ସମର୍ଥନ କରିବାକୁ ପ୍ରେସ କ୍ଲବ ନିଷ୍ପତି ନେଇଛି । ଆସନ୍ତା ୧୯ ତାରିଖ ବୁଧବାର ଗୁଣ୍ଡିଚାଘାଗି ଜଳପ୍ରପାତ ଠାରେ କ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁ ବୈଠକରେ କ୍ଲବର ନୂତନ କାର୍ଯ୍ୟକାରୀ ସଦସ୍ୟ ଚୟନ କରାଯିବାକୁ ସ୍ଥିର କରାଯାଇଛି । ଏଥିସହ ବାର୍ଷିକ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତ ସଦସ୍ୟଙ୍କୁ ଦାୟିତ୍ୱ ଦିଆଯିବା ସମ୍ବନ୍ଧରେ ଆଲୋଚନା ହେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର କୋଷାଧକ୍ଷ ପରେଶ କୁମାର ସେଠୀ, ରାମଚନ୍ଦ୍ର ନାଏକ, ଲକ୍ଷ୍ମଣ କୁମାର ମହାନ୍ତ, ଭବାନୀ ମହାନ୍ତ, ଅନିଲ କୁମାର ସାହୁ, ଜୀବନ ଜ୍ୟୋତି ବେଜ, ତନ୍ମୟ କୁମାର ସାହୁ, ଚନ୍ଦନ ନାୟକ, ହିମାଂଶୁ ଶେଖର ଦାସ, କୃଷ୍ଣଚନ୍ଦ୍ର ବେହେରା, ବିଦ୍ୟାଧର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ରଖିଥିଲେ ।

## ଆନ୍ଦୋଳନ ପାଇଁ ମିଳିତ ଅମଲା ମଂଚର ସଜବାଜ

ଜୟପୁର, (ପି.ଏନ):କୋରାପୁଟ ଜିଲ୍ଲା ମିଳିତ ଅମଲା ମଂଚର କାର୍ଯ୍ୟକାରିଣୀ ବୈଠକ ମିଶନ ଶକ୍ତି ଭବନ କୋରାପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଶଶୀଭୂଷଣ ଦାଶ, ସମ୍ପାଦକ ନିତ୍ୟାନନ୍ଦ ଭତରା, ଅଧକ୍ଷ ପ୍ରସନ୍ନ କୁମାର ନାୟକ, ମୁଖ୍ୟ ଉପଦେଷ୍ଟା ସୁନାକର ରାଉତଙ୍କ ସମେତ ଜୟପୁର ଉପଖଣ୍ଡ ଓ କୋରାପୁଟ ଉପଖଣ୍ଡର ବହୁ ଅମଲା ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଯୋଗଦାନ କରିଥିଲେ । ରାଜ୍ୟ ମିଳିତ ଅମଲା ମଂଚର ନିର୍ଦ୍ଦେଶ କ୍ରମେ ଅମଲା ମାନଙ୍କ ମୁଖ୍ୟ ଦାବି କନିଷ୍ଠ ସହାୟକ ମାନଙ୍କ ପ୍ରବେଶିକା ଦରମା ହାର ୪୨୦୦/– ଗ୍ରେଡ ପେ ପ୍ରଦାନ ନିମନ୍ତେ ଆସନ୍ତା ୨୧.୦୪.୨୦୨୩ ରିଖ ଦିନ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ କୋରାପୁଟଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି । କୋରାପୁଟ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟ/ ବିଭାଗରେ କାର୍ଯ୍ୟରତ ସମସ୍ତ ଅମଲା ଭାଇ ଭଉଣୀ ମାନେ ଉକ୍ତ ଦିନ ଉପସ୍ଥିତ ରହି ଜିଲ୍ଲାପାଳ କୋରାପୁଟଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସମସ୍ତେ ସହମତି ପ୍ରକାଶ କରିଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, ସରକାର ଯଦି ୩୦.୦୪.୨୦୨୩ ରିଖ ସୁଦ୍ଧା ଦାବି ପୁରଣ ନ କରନ୍ତି ତାହେଲେ ରାଜ୍ୟ ମିଳିତ ଅମଲା ମଂଚ ଯାହା ନିଷ୍ପତି ନେବେ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ସଂଘ ପ୍ରତିଜ୍ଞାବଦ୍ଧ ହେବ ବୋଲି ସମସ୍ତ ଅମଲା ମତ ପ୍ରକାଶ କରିଥିବା ସୂଚନା ମିଳିଛି ।

## ସମ୍ବଲପୁରରେ ଶାନ୍ତି ପାଇଁ ସୁବର୍ଣ୍ଣପୁରରେ ସର୍ବ ଧର୍ମ ପ୍ରାର୍ଥନା

ସୁବର୍ଣ୍ଣପୁର, (ପି.ଏନ): ଅଶାନ୍ତ ସହର ସମ୍ବଲପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ଓ ସମଗ୍ର ବିଶ୍ୱର କଲ୍ୟାଣ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଆଜି ସ୍ୱଚ୍ଛ ଭାରତ ସଂଗଠନ ଓ କୋଶଳ ହାଇସ୍କୁଲର ମିଳିତ ପ୍ରୟାସରେ ସ୍ଥାନୀୟ କୋଶଳ ଆବାସିକ ବିଦ୍ୟାଳୟ ଠାରେ ଏକ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । ପ୍ରାର୍ଥନା ସଭା ମଂଚରେ ହିନ୍ଦୁ ଧର୍ମରୁ ଶିକ୍ଷାବିତ ପ୍ରଦୀପ ପୁରୋହିତ, ଖ୍ରୀଷ୍ଟ ଧର୍ମରୁ ପ୍ରଭାତ ଦିଗାଲ, ଲିମା ପ୍ରେମନିଧି, ମୁସଲିମ ଧର୍ମରୁ ସୟଦ ଅଲିମୁଲ ଇସଲାମ ଯୋଗଦେଇ ସମ୍ବଲପୁର ସହର ତଥା ସାରା ବିଶ୍ୱରେ ଶାନ୍ତି, ମୈତ୍ରୀ ଓ ସଦଭାବନା ପ୍ରତିଷ୍ଠା ପାଇଁ ସାମୁହିକ ପ୍ରାର୍ଥନା କରିଥିଲେ ଓ ସମସ୍ତ ଧର୍ମ ଉପରେ ଆଲୋକପାତ କରିଥିଲେ । ଶ୍ରୀ ଦିଗାଲ ଯୀଶୁଖ୍ରୀଷ୍ଟଙ୍କ ବାଇବେଲ ପଠନ କରି ଈଶ୍ୱରଙ୍କ ପ୍ରେମ ପରି ଆମେ ପରସ୍ପରକୁ ପ୍ରେମ କଲେ ଭଲ ପାଇଲେ ଏକ ସୁସ୍ଥ ଓ ଶାନ୍ତ ସମାଜ ସୃଷ୍ଟି ହେବ ବୋଲି ମତ ରଖିଥିବା ବେଳେ ଶ୍ରୀ ପୁରୋହିତ ସମାଜରେ ସମସ୍ତଙ୍କର ବଂଚିବାର ଅଧିକାର ଅଛି, ସଦ ମାର୍ଗ ଓ ବଂଚିବାର ପ୍ରେରଣା ହିଁ ଧର୍ମ ବୋଲି କହିଥିଲେ ।

# ମାଲକାନଗିରିର ଆଦିବାସୀ ଗୀତିକାର ହାଡୁଙ୍କ ଗୀତ ଚୋରି ଅଭିଯୋଗ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲାର ଗୀତିକାରଙ୍କ ଗୀତକୁ ଚୋରି କରାଯାଇଥିବା ଅଭିଯୋଗ । ଓଡ଼ିଶାର ସୁନାମ ଧନ୍ୟ ଗାୟକ ମଂଟୁ ଛୁରିଆ ଓ ଗୀତିକାର ଅକ୍ଷୟ କୁମାର ସିମୁଳିଆଙ୍କ ନାମରେ ଅଭିଯୋଗ ଆଣିଛନ୍ତି ମାଲକାନଗିରି ଜିଲ୍ଲାର ଜଣେ ଆଦିବାସୀ ଗୀତିକାର ହାଡୁ ।ମାଲକାନଗିରି ଜିଲ୍ଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ସମୟରେ 'ଆମର ଜିଲ୍ଲା ମାଲକାନଗିରି, ମାଲ୍ୟବନ୍ତ ଗିରି ' ଗୀତ ଲେଖି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ ଜିଲ୍ଲାର ହାଡୁ ତଳିଆ । ସେ ଆହୁରି ଅନେକ ଗୀତ ମଧ୍ୟ ଲେଖିଛନ୍ତି । ଏବେ ହାଡୁ ନିଜ ଗୀତ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି । ହାଡୁଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୦୨୨ ଅକ୍ଟୋବର ମାସରେ କୋରାପୁଟ ଜିଲ୍ଲାର ଗୀତିକାର ଅକ୍ଷୟ କୁମାର ସିମୁଳିଆ ହାଡୁଙ୍କୁ ଏକ ଗୀତ ଲେଖିବା ପାଇଁ ପ୍ରସ୍ତାବ ଦେଇଥିଲେ । ଗୀତ ରିଲିଜ୍ ହେବା ପରେ ଉଭୟଙ୍କ ନାମରେ ରିଲିଜ ହେବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ଏହାକୁ ନେଇ ' ଝିଲକୀ ଝିପା ନନୀ ' କୋରାପୁଟିଆ ଆଦିବାସୀ ଗୀତଟିର ରଚନା କରିଥିଲେ ହାଡୁ । ' ସୁର ଭାଇବ୍ରେସନ ' ନାମକ ଏକ ୟୁଟ୍ୟୁବ ଚ୍ୟାନେଲରେ ଏହି ଗୀତ ରିଲିଜ ହେଲା ଓ ଗୀତକୁ ଗାଇଛନ୍ତି ଓଡ଼ିଶାର ଦୁଇ ସୁନାମଧନ୍ୟ କଣ୍ଠଶିଳ୍ପୀ ମଂଟୁ ଛୁରିଆ ଓ ଜୟଶ୍ରୀ ଧଳ । କିନ୍ତୁ, ଗୀତ ଲେଖିବା ବାବଦକୁ କୌଣସି ପାଉଣା ମିଳିବାତ ଦୂରର କଥା, ଗୀତ ରିଲିଜ ହେବାପରେ ହାଡୁଙ୍କ ନାମ ଦିଆନଯାଇ ଗୀତିକାର ଅକ୍ଷୟ କୁମାର ସିମୁଳିଆ ନିଜ ନାମକୁ ଦେଇଥିବା ହାଡୁ ଅଭିଯୋଗ କରିଛନ୍ତି । ତାଙ୍କ ନାମକୁ ବାଦ ଦେଲେ ତାଙ୍କ ଗୀତଟିକୁ କିପରି ରିଲିଜ କରାଗଲା, ଏହା ଚୋରି ସହ ସମାନ ବୋଲି ହାଡୁ କ୍ଷୋଭ ପ୍ରକାଶ କରିବା ସହ ଗଣମାଧ୍ୟମ ନିକଟରେ ଏନେଇ ଅଭିଯୋଗ କରିଛନ୍ତି । ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ହାଡୁ ତଳିଆ ବସବାସ କରୁଥିବା ବେଳେ ସେ ପେସାରେ ଜଣେ ସିକ୍ୟୁରିଟି ଗାର୍ଡ । ପେସାକୁ ବଂଚାଇବା ସହ ନିଜ ଗୀତ ଲେଖିବା ନିଶାକୁ କେବେ ଅଲଗା ଦେଖିନାହାଁନ୍ତି ହାଡୁ । କିନ୍ତୁ, ବର୍ତମାନ 'ଝିଲିକି ଝିପା ନାନୀ' ଗୀତକୁ ନେଇ ସେ ଏବେ ଭାଙ୍ଗି ପଡିଛନ୍ତି । ପାଉଣା ନଦେଲେ ଚଳିବ, କିନ୍ତୁ ଲେଖିଥିବା ଗୀତକୁ ତାଙ୍କ ନାମ ଦେଇଥିଲେ କାହାର କଣ ହୋଇଯାଇଥାନ୍ତା ବୋଲି କୋହ ଭରା କଣ୍ଠରେ ପ୍ରକାଶ କରିଛନ୍ତି ଗୀତିକାର ହାଡୁ ତଳିଆ । ତେବେ ଏନେଇ ହାଡୁ ଆହୁରି ମଧ୍ୟ କହିଛନ୍ତି ଯେ, ଗୀତ ଚୋରି ହେଲା ସତ, କିନ୍ତୁ ମୋ କଳାକୁ କେହି ଚୋରି କରିନେଇ ପାରିବେନି । ଗୀତ ରିଲିଜ୍ ପରେ ହାଡୁ ଗାୟିକା ଜୟଶ୍ରୀ ଧଳଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରି ଅଭିଯୋଗ କରିଥିଲେ । ହେଲେ କିଛି ସୁଫଳ ନମିଳିବାରୁ ସେ ନିରବ ରହିଗଲେ ବୋଲି ପ୍ରକାଶ କରିଛନ୍ତି । ତେବେ ପ୍ରକୃତରେ ଏହି ଗୀତ ଚୋରୀ ହୋଇଛି ନା ହାଡୁଙ୍କ ଅଭିଯୋଗ ପଛରେ ଆଉକିଛି କଥା ରହିଛି ତାହା ତଦନ୍ତ କରାଗଲେ ପ୍ରକୃତ ଘଟଣା ଜଣାପଡିବ ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday April 18, 2023 ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୧୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଗଣତନ୍ତ୍ରର ସୁରକ୍ଷା ପାଇଁ "ନିର୍ଭୟ"ର ନିର୍ଭୀକତା ନିହାତି ଜରୁରୀ




ଭୁବନେଶ୍ୱର,(ପି.ଏନ): ଶାସକଙ୍କୁ କିଏ କରିବ ପ୍ରଶ୍ନ? ବ୍ୟବସ୍ଥାଗତ ଦୁର୍ବଳତା ବିଷୟ ମିଡିଆ ନଉଠାଇଲେ ଉଠାଇବ କିଏ? କିଛି ଅନୁଗୃହିତ ହେବାର ଆଶା ରଖି ମିଡିଆ କାର୍ଯ୍ୟ ନକରି ଯଦି ସତ୍ୟର ଉପସ୍ଥାପନ କରେ ତା'ହେଲେ ବ୍ୟବସ୍ଥା ଦୋହଲି ଯାଇପାରିବ। ବର୍ତ୍ତମାନର ସାମାଜିକ ସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ସକାଶେ ଦୈନିକ ନିର୍ଭୟ ଭଳି ନିର୍ଭିକତା ପୂର୍ଣ୍ଣ ଗଣମାଧ୍ୟମର ଆବଶ୍ୟକତା ଖୁବ ଜରୁରୀ ବୋଲି ଶନିବାର ନିର୍ଭୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଜନସଂଚାର ସଂସ୍ଥାନର ନିର୍ଦ୍ଦେଶକ, ପ୍ରଫେସର ରାକେଶ ଉପାଧ୍ୟାୟ କହିଥିଲେ। ନିରୁତା ସତ୍ୟ ପରିବେଷଣ ଶାସନଧାରାକୁ ଦୋହଲାଇ ଦେଇ ପାରିବାର କ୍ଷମତା ରଖେ ବୋଲି ସେ କହିବା ସାଙ୍ଗକୁ ଭାଷା ଭିତ୍ତିକ ସମ୍ବାଦପତ୍ର ଗୁଡିକର ଦେଶରେ ରହିଥିବା ଗୁରୁତ୍ୱ ବିଷୟରେ ବିଷଦ ଆଲୋଚନା କରିଥିଲେ। ତୃଣମୂଳସ୍ତରରେ ରହିଥିବା ସାମ୍ବାଦିକଟିଏ ମିଡିଆ ହାଉସକୁ ପଠାଇଥାଏ ଖବର। ସେହି ଆଧାରରେ ଖବରର ହୁଏ ପ୍ରସାରଣ। ହେଲେ ସମ୍ପାଦକ ଯେତେବେଳେ ନିଜ ଅଭିଜ୍ଞତାକୁ ଆଧାର କରି ସେହି ଖବରର ମଞ୍ଜଟିକୁ ବତାଇ ଦିଅନ୍ତି ସେତେବେଳେ ତାହା ଅଧିକ ଆଦୃତ ହୋଇଥାଏ। ସେଇଥି ପାଇଁ ଆଜି ଦୈନିକ ନିର୍ଭୟ ଓ ନିର୍ଭୟ ଗୁମର କଥାର ଲୋକପ୍ରିୟତା ଖୁବ ବଢିଛି ବୋଲି ବହୁ ଜାତୀୟ ମିଡିଆ ସଂସ୍ଥାରେ କାର୍ଯ୍ୟ କରିଥିବା ରାକେଶ ଉପାଧ୍ୟାୟ କହିଥିଲେ। କେବଳ ୭.୪ ପ୍ରତିଶତ ଭାରତୀୟ ଇଂରାଜୀ ଖବରକାଗଜ ପଢୁଥିଲା ବେଳେ ବାକି ବିରାଟ ପାଠକୀୟ ଶ୍ରଦ୍ଧା ଭାଷାଭିତ୍ତିକ ଖବରକାଗଜ ଗୁଡିକ ଲାଭ କରୁଛନ୍ତି। ଏହା ହିଁ ଭାଷାଭିତ୍ତିକ ମିଡିଆର ଶକ୍ତି। ତେବେ ବିଜ୍ଞାପନ ଦୁନିଆ ଓ ସରକାରୀ ବ୍ୟବସ୍ଥା ସ୍ଥାନୀୟ ଭାଷାର ଖବରକାଗଜ ଗୁଡିକ ଅପେକ୍ଷା ବିଜ୍ଞାପନ ପ୍ରଦାନ ପରେ ଇଂରାଜୀ ସମ୍ବାଦପତ୍ର ଗୁଡିକୁ ଅଗ୍ରାଧିକାର ଦେଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। କୌଣସି ଗଣମାଧ୍ୟମର ଧାରା ପରସ୍ପର ପ୍ରତି କ୍ଷତିକାରକ ନୁହେଁ। ସମସ୍ତେ ଆପଣାବାଟରେ ବିକଶିତ ହୋଇପାରିବେ ବୋଲି ସେ ଦେଇଥିଲେ ମତ।ଯଦି ସମ୍ବାଦପତ୍ର ଓ ସାମ୍ବାଦିକ ଆମ ଜୀବନରୁ ଦୂରେଇ ଯିବେ ଆମେ ପୁଣି ଅନ୍ଧକାରମୟ ଯୁଗକୁ ଚାଲିଯିବା। ନିଜ ଜୀବନକୁ ଉତ୍ସର୍ଗ କରି ସାମ୍ବାଦିକଟିଏ ବଡ଼ କଠିନ ପରିସ୍ଥିତିରେ ଖବର ସଂଗ୍ରହ କରି ପଠାଉଥିବାରୁ ସେମାନେ ଆମର ନମସ୍ୟ ବୋଲି କହିଥିଲେ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ଗୌହ୍ୱାଟୀ ବିଶ୍ୱବିଦ୍ୟାଳୟର ଭାଷା ଓ ସଂସ୍କୃତି ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଜ୍ୟୋତ୍ସ୍ନା ରାଉତ। କିପରି ଓଡ଼ିଶା ଓ ଆସାମ ମଧ୍ୟରେ ଭାଷା ଏବଂ ଭକ୍ତିଧାରା ଦୁଇ ରାଜ୍ୟକୁ ଗୋଟିଏ ସୂତ୍ରରେ ବାନ୍ଧି ଆସିଛି ତାହାର ବିସ୍ତୃତ ଉଦାହରଣ ବଡ଼ ରୋଚକ ଆକାରରେ ପ୍ରଦାନ କରିଥିଲେ ପ୍ରଫେସର ରାଉତ। ମହାନ ଭକ୍ତିବାଦ ସନ୍ଥ ଶଙ୍କର ଦେବ ଏବଂ ବିଖ୍ୟାତ ସାହିତ୍ୟକ ଲକ୍ଷ୍ମୀନାଥ ବେଜବରୁଆ ଓଡ଼ିଶା ଓ ଆସାମ ମଧ୍ୟରେ ସମ୍ପର୍କର ନିଆରା ସେତୁ ବାନ୍ଧିଥିଲେ। ଓଡ଼ିଶାର ଭାଗବତ ଟୁଙ୍ଗି, ଓଡ଼ିଶାର ପାଲା ସଂସ୍କୃତି, ସଂକୀର୍ତ୍ତନ ଏବଂ ଜଗନ୍ନାଥ ସଂସ୍କୃତି କିପରି ଆସାମରେ ପ୍ରଚ୍ଛନ୍ନ ଭାବରେ ରହିଛି ତାହାର ସେ ଉଦାହରଣ ପ୍ରସ୍ତୁତ କରିଥିଲେ। ତନ୍ତବୁଣା ଠାରୁ ନେଇ ଝିଅ ବିବାହ ପରେ ବିଦା ହେବା ସମୟର ଗୀତ ପର୍ଯ୍ୟନ୍ତ ସବୁଥିରେ ଓଡ଼ିଶା ଭଳି ଚଳଣ ଆସାମରେ କାହିଁ କେଉଁ କାଳରୁ ଚାଲିଆସୁଛି ବୋଲି ଗୀତ ମାଧ୍ୟମରେ ବତାଇଥିଲେ ସେ।ପ୍ରମେୟ ଓ ନ୍ୟୁଜ-୭ ଗ୍ରୁପର ସମ୍ପାଦକ ତଥା ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ ଗୋପାଳ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପ୍ରିଣ୍ଟ ମିଡିଆର ଅସ୍ତିତ୍ୱ କେବେ ବି ଲିଭିବ ନାହିଁ ବୋଲି ଦୃଢ ସ୍ୱରରେ କହିଥିଲେ। ସମୟ ଖରାପ ପଡିପାରେ, ହେଲେ ଖରାପ ସମୟ ମଧ୍ୟ ଚାଲିଯିବ। ଯେପରି କୋଭିଡ ମହାମାରୀ ବେଳର ସ୍ଥିତି ଏବେ ଅପସରି ଯିବାକୁ ବସିଲାଣି। ସେହିଭଳି ପୁଣି ଥରେ ପ୍ରିଣ୍ଟ ମିଡିଆର ଜୋର ଆଉ ଥରେ ସାବ୍ୟସ୍ତ ହେବ। ଦୈନିକ ନିର୍ଭୟର ନିର୍ଭିକତାଭରା ସାମ୍ବାଦିକତାକୁ ସେ ପ୍ରଶଂସା କରି କହିଥିଲେ ଯେ ବର୍ତ୍ତମାନ ଯେଉଁ ସମୟ ଦେଇ ଆମ ଗଣମାଧ୍ୟମ ଗତି କରୁଛି ସେଥିରେ ବେଳେବେଳେ ନିଜକୁ ପ୍ରଶ୍ନ ପଚାରିବାକୁ ପଡେ ଅନୁସନ୍ଧାନମୂଳକ ଖବର ନିର୍ଭିକତାର ସହ ମୁଁ କରିପାରିବି କି? ଆଉ ଯଦି କରିବି ତାହା ଛପା ଯାଇପାରିବ କି? ଗଣମାଧ୍ୟମ ବ୍ୟକ୍ତି ଭାବରେ ତାଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା ଶିଖାଇସାରିଛି ଯେ ମାଟିକୁ ଛାଡି ରହିହେବ ନାହିଁ। ନିର୍ଭୟର ସମ୍ପାଦକ ନବୀନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବର ପରିଚାଳନା କରିଥିଲେ ସହଯୋଗୀ ସମ୍ପାଦକ ସଂବିତ ମହାପାତ୍ର।ହୋଟେଲ ମେ' ଫେୟାର କନଭେନସନ ସେଣ୍ଟର ଠାରେ ନିର୍ଭୟର ୯ମ ବାର୍ଷିକ ଉତ୍ସବର ମୁଖ୍ୟ ସମାରୋହରେ ନିର୍ଭୟ ଗୌରବ ସମ୍ମାନ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ଓ ପାଠକୀୟ ଆନ୍ଦୋଳନ ଚଳାଇଥିବା ଅଧ୍ୟାପକ କିଶୋର ମେହେରଙ୍କୁ ପ୍ରଦାନ କରାଯାଇଥିଲା। ପାରିବାରିକ ପ୍ରଚଣ୍ଡ ଦୁଃଖ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି ଭାବରେ ନିଜର କର୍ମପ୍ରତି ନିଷ୍ଠା ଦେଖାଇଥିବା ଓଟିଭିର ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ଏବଂ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନ ଏବଂ ରାଜ୍ୟର ନିଆରା ପରମ୍ପରା ଗୁଡିକୁ ପର ପିଢି ସକାଶେ ସାଇତି ରଖିବା କାମରେ ଲାଗିଥିବା ମିଡିଆ ସଂସ୍ଥା ଲାଇଟ ହାଉସକୁ ନିର୍ଭୟ ସତୀର୍ଥ ସମ୍ମାନ ପ୍ରଦାନ କରାଯାଇଥିଲା। ଦୁଇବର୍ଷର ଶ୍ରେଷ୍ଠ ଖବରଦାତା ଭାବରେ ଆଳୟ କୁମାର ସାମନ୍ତରାୟ (ମହାକାଳପଡା), ମାଧବ ପାଇକ (ବ୍ରାହ୍ମଣୀଗାଁ), ବୀରେନ୍ଦ୍ର କୁମାର ସ୍ୱାଇଁ (ଭଞ୍ଜନଗର) ଏବଂ ସୁଶାନ୍ତ କୁମାର ବେହେରା(ଜାରକା) ଏବଂ ନିର୍ଭୟ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ଲେଆଉଟ ଡିଜାଇନର ପ୍ରଶାନ୍ତ କୁମାର ଦାଶଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଜ୍ୟୋତି ପ୍ରକାଶ ଘୋଷଙ୍କ ନିୟମିତ ସ୍ତମ୍ଭକୁ ନେଇ ପ୍ରକାଶ ପାଇଥିବା ପୁସ୍ତକ ରୋଚକ କଥାର ଲୋକାର୍ପଣ ହୋଇଥିଲା ଏହି ବର୍ଣ୍ଣାଢ୍ୟ ଉତ୍ସବରେ। ଭାବ ଗମ୍ଭୀର ପରିବେଶରେ ଆୟୋଜିତ ବାର୍ଷିକ ଉତ୍ସବର ପ୍ରଥମ ଅଧିବେଶନରେ ୨୫ବର୍ଷର ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ କଥାଶିଳ୍ପୀ ଦେବ ପ୍ରସାଦ ଦାଶଙ୍କ ସଂଚାଳନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ରାଜନେତା ପଞ୍ଚାନନ କାନୁନଗୋ, ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଏବଂ ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା ସାମିଲ ହୋଇ ମତାମତ ପ୍ରଦାନ କରିଥିଲେ। ଏହି ଉତ୍ସବରେ ରାଜ୍ୟର ବହୁ ପ୍ରତିଷ୍ଠିତ ଗଣମାଧ୍ୟମ ବ୍ୟକ୍ତିତ୍ୱ, ଶିକ୍ଷାବିତ, କ୍ରୀଡ଼ାବିତଙ୍କ ସହ ନିର୍ଭୟର ସମସ୍ତ ଖବରଦାତା ଓ ଶୁଭେଚ୍ଛୁ ସାମିଲ ହୋଇଥିଲେ।

## ମହିଳା ୨୦ର ଦ୍ୱିତୀୟ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ମହିଳା ୨୦ର ଆନ୍ତର୍ଜାତୀୟ ଦ୍ୱିତୀୟ ବୈଠକ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଡବ୍ଲ୍ୟୁ୨୦ ବୈଠକର ବିଷୟବସ୍ତୁ, ' ମହିଳା- ନେତୃତ୍ୱ ବିକାଶର ଅନାବଶ୍ୟକ ସାମର୍ଥ୍ୟକୁ ଉନ୍ମୋଚନ : ଏକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ'। ବିଶ୍ୱସ୍ତରରେ ଲିଙ୍ଗଗତ ସମାନତା ଏବଂ ମହିଳାଙ୍କ ଅର୍ଥନୈତିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାର ପ୍ରମୁଖ ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ୧୮ଟି ଦେଶରୁ ପ୍ରାୟ ୧୨୦ ଜଣ ମହିଳା ପ୍ରତିନିଧି ଅଂଶଗ୍ରହଣ କରିଥିଲେ।ଜି୨୦ ରେ ଭାରତର ସେର୍ପା ଅମିତାଭ କାନ୍ତ ଏହି ବୈଠକକୁ ସମ୍ବୋଧିତ କରିବାବେଳେ କହିଛନ୍ତି ଯେ, ମହିଳା ନେତୃତ୍ୱାଧିନ ବିକାଶ ଭାରତ ପାଇଁ ଏକ ପ୍ରାଥମିକତା, ଯେହେତୁ ଆମେ ମହିଳାମାନଙ୍କୁ ସମୃଦ୍ଧତା ଏବଂ ଅଭିବୃଦ୍ଧିରେ ଅନ୍ତର୍ଭୁକ୍ତ କରୁଛୁ। ସେମାନେ ବିକାଶ ଏବଂ ଅଭିବୃଦ୍ଧି କ୍ଷେତ୍ରରେ ଏଜେନ୍ଟ ଭାବେ କାର୍ଯ୍ୟ କରିବେ ଏବଂ ଏଜେଣ୍ଡା ମଧ୍ୟ ସ୍ଥିର କରିବେ।

# ଆଦିବାସୀ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବାଟବଣା



ମାଲକାନଗିରି ଓତା,(ପି.ଏନ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସରକାରୀ ଉପ୍ରା ବିଦ୍ୟାଳୟ ପୂଜାରୀଗୁଡା ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଓଦୀର୍ଘ ୪୨ ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ଯୋଗୁଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟୟ ଓ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହିତ ପିଲାମାନଙ୍କୁ ସ୍କୁଲରେ ନାମ ଲେଖାଇବା,ଉନ୍ନତମାନର ଶିକ୍ଷା ପ୍ରଦାନ କରିବା,ସ୍ମାର୍ଟ ବିଦ୍ୟାଳୟ ପ୍ରତିଷ୍ଠା କରିବା ଆଜି ଯୋଜନା କରୁଥିବା ବେଳେ ପୂଜାରୀଗୁଡା ସରକାରୀ ଉପ୍ରା ବିଦ୍ୟାଳକୁ ଦେଖିଲେ ମନେ ହେବ ଗରିବ ଆଦିବାସୀ ପିଲାଙ୍କ ପ୍ରତି ଏକ ଉପେକ୍ଷା ସହ ଏକ ଉପହାସ ମାତ୍ର ଓଅନ୍ୟ ପକ୍ଷରେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିଛି ବ୍ୟତିକ୍ରମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏମିତି ଅନେକ ବିଦ୍ୟାଳୟ ଅଛି ଯାହା କି ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ଓ ଯାହା କି ଗରିବ ଆଦିବାସୀ ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହୋଇଯାଇଛି । କିନ୍ତୁ ଶିକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି ଓ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ସରକାରୀ ଉପ୍ରା ବିଦ୍ୟାଳୟଟି ୪୨ ବର୍ଷ ତଳେ ସ୍ଥାପିତ ହୋଇଥିଲା ବେଳେ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଓଏହି ଆଦିବାସୀ ଗ୍ରାମରେ ପ୍ରତିଷ୍ଠିତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢାଯାଉଥିବା ବେଳେ ମୋଟ ୮୨ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଓ ଏହି ଆଠଟି ଶ୍ରେଣୀ ପାଇଁ କେବଳ ତିନି ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଗୋଟିଏ ମାତ୍ର କ୍ଲାସ ରୁମ୍ ରହିଛି ଓ ଏହା ଠାରୁ ଆଉ ବିଚିତ୍ର ବ୍ୟବସ୍ଥା କଣ ହୋଇ ପାରେ ଓ ଗୋଟିଏ ମାତ୍ର କ୍ଲାସ ଗୃହରେ ସମସ୍ତଙ୍କୁ ଏକାଠି ବସେଇ ଶିକ୍ଷା ପ୍ରଦାନ କରାଯାଉଛି ଓ ତେବେ ଶିକ୍ଷକମାନେ ପିଲାମାନଙ୍କୁ କିପରି ପାଠ ପଢ଼ାଉଥିବେ ଭବିବା ଉଚିତ ଓ ପିଲାମାନଙ୍କ ପାଠ ପଢାରେ ବାଧା ସୃଷ୍ଟି ହେଉଥିବାରୁ ଅଭିଭାବକ, ସ୍କୁଲ ପରିଚାଳନା କମିଟିବହୁବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି ଓ ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ କେହି କର୍ଣ୍ଣପାତ କରିବାର ନାହିଁ ଓଏଣେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କେବଳ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ସୀମିତ ରହୁଥିବା ବେଳେ ଶିକ୍ଷା ଭଳି ଏକ ମୌଳି ଅଧିକାର ଏଠାରେ ବାଟବଣା ହୋଇ ପଡିଛି,ଯାହାକି ସଭ୍ୟ ସମାଜ ପାଇଁ ଲଜ୍ଜା ଓ ପରିତାର ବିଷୟ ଓ

# ପାରାଦୀପ ବନ୍ଦର ଏସସି ଓ ଏସଟି କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ମନୋନୀତ




ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ସ୍ଥିତ ପାରାଦୀପ ବନ୍ଦର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ (ପାରାଦୀପ ପୋର୍ଟ ଏସସି/ଏସଟି ଏମ୍ପଲୋୟିଜ ୱେଲଫେୟାର ଆସୋସିଏସନ) ର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି କ୍ଷ ମଧୁବନ ସ୍ଥିତ ସଂଘ କାର୍ଯ୍ୟାଳୟରେ ଶନିବାର ଦିନ ଆୟୋଜିତ ଏକ ସାଧାରଣ ବୈଠକରେ ସଂଘର ସଭାପତି ଭାବେ ପୂର୍ବତନ ବିଧାୟକ ପଦ୍ମଚରଣ ହାଇବ୍ରୁ ମନୋନୀତ ହୋଇଥିବା ବେଳେ ଉପସଭାପତି ଭାବେ ମହେଶ୍ୱର ସୋରେନ, କାର୍ଯ୍ୟକାରୀ ସଭାପତି ଭାବେ ପୂର୍ବତନ ବନ୍ଦର ଟ୍ରଷ୍ଟି ପରେଶ ମୁର୍ମୁ ଓ ସାଧାରଣ ସମ୍ପାଦକ ଭାବେ ଧ୍ରୁବଚନ୍ଦ୍ର ତରାଇ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବା ନେଇ ସଂଘ ପକ୍ଷରୁ ସୂଚନା ମିଳିଛି କ୍ଷ

# ନୁଭାମା ୱେଲ୍‌ଥ ୫ ବର୍ଷରେ ଏୟୁଏ ୫ ଗୁଣ ବୃଦ୍ଧି କରି ୨.୫ ଲକ୍ଷ କୋଟି ଟଙ୍କାରେ ପହଂଚାଇବାକୁ ଲକ୍ଷ୍ୟ ରଖିଛି

ଭୁବନେଶ୍ୱର,(ପି.ଏନ): ଏଚ୍ଏନ୍ଆଇ ଓ ଧନୀ ବର୍ଗ ଗ୍ରାହକଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରୁଥିବା ନୁଭାମା ୱେଲ୍ଥ ମ୍ୟାନେଜ୍‌ମେଂଟର ବ୍ୟକ୍ତିଗତ ସମ୍ପତି ଶାଖା ନୁଭାମା ୱେଲ୍ଥ ଆଜି ଏହାର ଉଚ୍ଚାଭିଳାଷୀ ଯୋଜନା ସମ୍ପର୍କରେ ଘୋଷଣା କରିଛି। ଏହି ଗ୍ରୁପ୍ ୨୦୨୮ ସୁଦ୍ଧା ଏହାର ଆସେଟ୍ସ ଅଣ୍ଡର୍ ଆଡ୍‌ଭାଇସ୍ (ଏୟୁଏ)କୁ ୫ ଗୁଣ ବୃଦ୍ଧି କରି ୨.୫ ଲକ୍ଷ କୋଟି ଟଙ୍କାରେ ପଂଚାଇବାକୁ ଲକ୍ଷ୍ୟ ରଖିଛି। ଏହା ଗ୍ରୁପର ଗୁଣାତ୍ମକ ପରାମର୍ଶ ଓ ସମ୍ପତି ପରିଚାଳନା ସମାଧାନ ପାଇଁ ପହଂଚ ସହିତ ଗ୍ରାହକଙ୍କୁ ସଶକ୍ତ କରିବାର ଏହାର ବିଶାଳ ଲକ୍ଷ୍ୟ ସହ ଜଡିତ ରହିଛି।ନୁଭାମା ୱେଲ୍ଥ ଏକ ସିଙ୍ଗଲ୍ ପ୍ରଡକ୍ଟ ଫୋକସ୍‌ଡ ଡିଷ୍ଟ୍ରିବ୍ୟୁଶନ ଫ୍ରାଚାଂଇଜିରୁ ଏକ ସମ୍ପୂର୍ଣ୍ଣ ୱେଲ୍ଥ ମ୍ୟାନେଜ୍‌ମେଂଟ୍ ଆଉଟ୍‌ଫିଟ୍‌କୁ ରୁପାଂରିତ ହୋଇଛି। ଏହା କମ୍ପାନୀର ହିତାଧିକାରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ସୃଷ୍ଟି କରିପାରିଛି। ଏଥିସହିତ କମ୍ପାନୀ ହାଇବ୍ରିଡ୍ ସର୍ଭିସିଙ୍ଗ, ମଲ୍ଟି-ପ୍ରଡକ୍ଟ ଓ ସର୍ଭିସ୍ , କଷ୍ଟମାଇଜ୍‌ଡ ସଲ୍ୟୁଶନଗୁଡିକୁ ନେଇ ଏହାର ମୂଳ ଦର୍ଶନ ମାଧ୍ୟମରେ ଉତ୍କୃଷ୍ଟମାନର ଗ୍ରାହକ ଅନୁଭୂତି ପ୍ରଦାନ କରୁଛି।ଏସମ୍ପର୍କରେ ନୁଭାମା ୱେଲ୍ଥର ଅଧକ୍ଷ ଓ ମୁଖ୍ୟ ରାହୁଲ ଜୈନ୍ କହିଛନ୍ତି, ' ଏକ ୱାର୍ଲ୍ଡ ବ୍ୟାଙ୍କ ଓ ସିଏମ୍ଆଇଇ ରିପୋର୍ଟ ଅନୁଯାୟୀ ଭାରତ ଚଳିତ ଦଶନ୍ଧି ଶେଷ ସୁଦ୍ଧା ଏକ ୧୦ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ ହେବା ପାଇଁ ପ୍ରସ୍ତୁତ ରହିଛି, ଯାହା ଆମେ ଟାୟାର ୧ ସହରଗୁଡିକ ବାହାରେ ଦେଖୁଥିବା ଔଦ୍ୟୋଗିକ ଅଭିବୃଦ୍ଧି ଇନ ଦ୍ୱାରା ପ୍ରାଥମିକ ଭାବେ ପରିଚାଳିତ ହେବ। ଏହି ଯାତ୍ରାରେ ନୁଭାମା ୱେଲ୍ଥ ବ୍ୟବସାୟ, ପ୍ରମୋଟର୍ ଓ ଗ୍ରାହକଙ୍କୁ ସମ୍ପତି ଓ ଉଦୀୟମାନ ସୁଯୋଗ ସୃଷ୍ଟିକୁ ବାସ୍ତବରେ କଳ୍ପନା କରିବା ପାଇଁ ସଠିକ୍ ବୁଦ୍ଧିମତା ଓ ଦିଗ ପ୍ରଦାନ କରିବ। ଭାରତରେ ଟାୟାର ୨ ଓ ୩ ସହରଗୁଡିକରେ ଆମେ ଆମର ଗ୍ରାହକଙ୍କ ସହ ସହଭାଗିତା କରିବା ଓ ବିକଶିତ ହେବାକୁ ଚାହୁଁଛୁ ଯେଉଁମାନେ ନିଜର ବ୍ୟବସାୟ ସମ୍ପ୍ରସାରଣ ଯାତ୍ରାରେ ଅଗ୍ରଗତି କରି ବହୁମାତ୍ରାରେ ନିଯୁକ୍ତି ଓ ଗୁରୁତ୍ୱପୂର୍ଣ୍ଣ ସମ୍ପତି ସୃଷ୍ଟି କରିବା ଆରମ୍ଭ କରିବେ।'ଏହା ୩ଟି ପ୍ରମୁଖ ପ୍ରାଥମିକତାକୁ କାର୍ଯ୍ୟକାରୀ କରି ଅଭିବୃଦ୍ଧି ଜାରି ରଖିବାକୁ ଲକ୍ଷ୍ୟ ରଖିଛି: ଭୌଗୋଳିକ ପହଂଚ ବୃଦ୍ଧି କରିବା: ଟାୟାର ୨ ଓ ୩ ସହରଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ସହିତ ଭାରତବ୍ୟାପୀ ପହଂଚ ବୃଦ୍ଧି କରିବା ଯାହା ଏକାଧିକ ଔଦ୍ୟୋଗି ଅଭିବୃଦ୍ଧି ଦେଖିବ। ବର୍ତ୍ତମାନ ୬୯ଟି ସ୍ଥାନରେ ଉପସ୍ଥିତ ଥିବା ନୁଭାମା ୱେଲ୍ଥ ନିଜର ପହଂଚକୁ ୨୦୨୮ ସୁଦ୍ଧା ୩୦୦ରୁ ଅଧିକ ସ୍ଥାନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ପ୍ରତିଭା ଶୃଙ୍ଖଳା ବିକଶିତ କରିବା: ବର୍ଦ୍ଧିତ ସମ୍ପତି ଓ ଭୌଗୋଳିକ ପହଂଚ ସହିତ ଗୁଣାତ୍ମକ ପରାମର୍ଶ ସମସ୍ତ ସମ୍ପତି ପରିଚାଳନା ସମାଧାନଗୁଡିକ ପାଇଁ କେନ୍ଦ୍ରରେ ପରିଣତ ହୋଇଛି। ନୁଭାମା ୱେଲ୍ଥ ଏହାର ଗ୍ରାହକଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆସଂ। ୩ ବର୍ଷ ମଧ୍ୟରେ ରିଲେଶନସିପ୍ ମ୍ୟାନେଜର (ଆର୍ଏମ୍)ଙ୍କ ପ୍ରତିଭା ଶୃଙ୍ଖଳାକୁ ୧୦୦% ଯାଏଁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଧନୀ ଓ ଏଚ୍ଏନ୍ଆଇ ଶ୍ରେଣୀ ସହ ବିଶ୍ୱାସକୁ ଗଭୀର କରିବା: ଏକ ହାଇବ୍ରିଡ୍ (ହ୍ୟୁମାନ୍+ଟେକ୍) ବିଜ୍‌ନେସ ମଡେଲ୍ ସହିତ ହାଇ ଟଚ୍ ସର୍ଭିସ୍‌ଗୁଡିକ ବର୍ତମାନ ସମୟର ଆବଶ୍ୟକତା ଅଟେ। ଏହି ସେଗ୍‌ମେଂଟ୍‌ର ବିଶ୍ୱାସ ଜିତିବା ପାଇଁ ନୁଭାମା ୱେଲ୍ଥ ନିଯୋଜନ ବୃଦ୍ଧି କରିବା, ଉତ୍ପାଦ ଶୃଙ୍ଖଳା ବିସ୍ତାର କରିବା ଓ ଏହି ସେଗ୍‌ମେଂଟ୍ ପାଇଁ କଷ୍ଟମାଇଜ୍‌ଡ ସମାଧାନ ପ୍ରଦାନ କରିବା ଜାରି ରଖିବା ଉପରେ ଗୁରୁତ୍ୱ ଦେବ।ନୁଭାମା ୱେଲ୍ଥ ଜଣେ ଗ୍ରାହକଙ୍କ ଆର୍ଥିକ ଜୀବନଚକ୍ରର ଆବଶ୍ୟକତାକୁ ପୂରଣ କରିବା ଲାଗି ଏକ ବିସ୍ତୃତ ଶୃଙ୍ଖଳାର ସମ୍ପତି ପରିଚାଳନା ସମାଧାନ ଓ ପରାମର୍ଶ ପ୍ରଦାନ କରୁଛି। ନୁଭାମା ୱେଲ୍ଥ ୧୦ ଲକ୍ଷରୁ ଅଧିକ ଧନୀ ବ୍ୟକ୍ତି ଓ ଏଚ୍ଏନ୍ଆଇକୁ ସେବା ପ୍ରଦାନ କରୁଛି। ଜଣେ ସ୍ୱାଧୀନ ତାଲିକାଭୁକ୍ତ କମ୍ପାନୀରେ ପରିଣତ ହେବାର ଯାତ୍ରାରେ ଏହି ଗ୍ରୁପ୍ ନିଜକୁ ଏଡେଲ୍‌ୱିସ୍ ୱେଲ୍ଥ ମ୍ୟାନେଜ୍‌ମେଂଟ୍‌ରୁ ନୁଭାମାକୁ ରିବ୍ରାଣ୍ଡ କରିଛି। ନୂଆ ନାମ 'ନୁ ସହିତ ଭାମା' ସମ୍ପତି ପରିଚାଳନା ପ୍ରତି ଏକ ନୂଆ ଦିଗ ଆଣିବା ଲାଗି ଗ୍ରୁପର ଲକ୍ଷ୍ୟକୁ ସୂଚିତ କରୁଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray